## ସଂକ୍ଷେପରେ

### ସାପ କାମୁଡାରେ ମହିଳାଙ୍କ ପ୍ରାଣଗଲା

କୁକୁଡ଼ାଖଣ୍ଡି,୨୭।୩(ଡି.ଏନ.ଏ.)- କୁକୁଡ଼ାଖଣ୍ଡି ତହସିଲ ଉମର ରାମଚନ୍ଦ୍ରପୁର ଗ୍ରାମରେ ମଙ୍ଗଳବାର ଏକ ନାଗସାପ କାମୁଡିବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗଦା ଦାସଙ୍କ ସ୍ତ୍ରୀ ମାନସୀ ଦାସ (୪୪)। ସଦର ଥାନାଧିକାରୀ ଭାବାନନ୍ଦ ପ୍ରଧାନଙ୍କ ସୂଚନା ପ୍ରକାରେ ମାନସୀ ନିଜ ଘରେ କୌଣସି କାମରେ ବ୍ୟସ୍ତ ଥିଲେ। ମଙ୍ଗଳବାର ଅପରାହ୍ନରେ ଏକ ନାଗସାପ ଘର ଭିତରକୁ ପଶି ମାନସୀଙ୍କୁ ଚୋଟ ମାରିଥିଲା। ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୮ଟାରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ନଂ.୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ନଦୀରେ ବୁଡି ଯୁବକ ମୃତ

ଭଞ୍ଜନଗର,୨୭।୩(ଡି.ଏନ.ଏ.)- ଭଞ୍ଜନଗର ଥାନା ବାହାଡାପଦର ଗ୍ରାମର କାର୍ତ୍ତିକ ସ୍ୱାଇଁ ବୁଧବାର ସକାଳେ ଲୋହରାଖଣ୍ଡି ନଦୀରେ ଗାଧୋଉଥିବାବେଳେ ଗଣ୍ଡରେ ବୁଡିଯାଇ ମୃତ୍ୟୁବରଣ କରିଛନ୍ତି। ନଦୀରେ ଗାଧୋଉଥିବା କେତେଜଣ ଲୋକ କାର୍ତ୍ତିକଙ୍କୁ ଉଦ୍ଧାର କରି ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ପ୍ରକାଶ ଯେ, ମଙ୍ଗଳବାର ରାତିରେ ଗ୍ରାମରେ ଦୋଳଯାତ୍ରା ଅବସରରେ ମହାଭାରତ ନାଟକ ମଞ୍ଚସ୍ଥ ହୋଇଥିଲା। କାର୍ତ୍ତିକ ରାତିସାରା ନାଟକ ଦେଖିଥିଲେ। ବୁଧବାର ସକାଳେ ଗ୍ରାମକୁ ନିକଟ ଲୋହରାଖଣ୍ଡି ନଦୀକୁ ଗାଧୋଇବାକୁ ଯାଇଥିଲେ। କୌଣସି କାରଣରୁ ନଦୀ ଗଣ୍ଡରେ ବୁଡିଯାଇ ମୃତ୍ୟୁବରଣ କରିଥିଲେ।

### ପଞ୍ଚୁଦଣ୍ଡ ମିଳନ

ବାଲିଗୁଡ଼ା,୨୭।୩(ଡି.ଏନ୍.ଏ.)- ବାଲିଗୁଡ଼ା ବ୍ଲକ ଅଧୀନ ବାରଖମା ପଞ୍ଚାୟତରେ ପ୍ରଥମ ଥର ପାଇଁ ବାବା ଧବଳେଶ୍ୱର ଦଣ୍ଡ ପରିଚାଳନା କମିଟି ଆନୁକୂଲ୍ୟରେ ଏପ୍ରିଲ ୫ରେ ପଞ୍ଚୁଦଣ୍ଡ ସମାରୋହ ଉତ୍ସବ ପାଳନ କରିବା ପାଇଁ କମିଟିର ସଭାପତି ସୁଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମସ୍ତଙ୍କର ସାହାଯ୍ୟ ସହଯୋଗ ପାଇଁ ସାହୁ ଅନୁରୋଧ କରିଥିଲେ। ଏଥିରେ ବାରଖମାର ଦଣ୍ଡନୃତ୍ୟ ଦଳ ସହ ରେବିଙ୍ଗିଆ, କଟେରିଭଙ୍ଗା, ମେଲ୍‌ସିକିଆ, ପୋଖରୀବନ୍ଧ ଏପରି ୫ଟି ଦଣ୍ଡନୃତ୍ୟ ଦଳ ଯୋଗଦେବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କମିଟିର ସମ୍ପାଦକ ବିବେକାନନ୍ଦ ସାହୁ, ବିଜୟ କୁମାର ପାତ୍ର, କୃଷ୍ଣଚନ୍ଦ୍ର ସାହୁ, ପ୍ରକାଶ ଚନ୍ଦ୍ର ସାହୁ ଓ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଚାର ପାଇଁ ପ୍ରମୁଖ ଦଳଙ୍କ କସରତ

ମାଲକାନଗିରି,୨୭।୩ (ଡି.ଏନ୍.ଏ.)

ସାଧାରଣ ନିର୍ବାଚନ ପାଇଁ ମାଲକାନଗିରି ଜିଲାର ରାଜନୈତିକ ଦଳଗୁଡ଼ିକ ଚଳଚଞ୍ଚଳ ହୋଇପଡ଼ିଛନ୍ତି। ମାଲକାନଗିରି ଓ ଚିତ୍ରକୋଣ୍ଡା ବିଧାନସଭା ଆସନରେ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଥିବାବେଳେ ଗୁରୁବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ସମୟ ଧାର୍ଯ୍ୟ ହୋଇଛି। ଆସନ୍ତା ୧୧ ତାରିଖରେ ଏହି ଦୁଇ ନିର୍ବାଚନ ମଣ୍ଡଳୀରେ ମତଦାନ ହେବ। ଏନେଇ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ କାର୍ଯ୍ୟାଳୟରେ ନିର୍ବାଚନ ପରିଚାଳନା ନେଇ ତୁହାକୁ ତୁହା ବୈଠକ ବସୁଛି। ମାଲକାନଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ମୁକୁନ୍ଦ ସୋଡିଙ୍କୁ ଜିତାଇବା ପାଇଁ ଦଳର ତୁଙ୍ଗ ନେତାମାନେ କସରତ ଆରମ୍ଭ କରିଦେଇଛନ୍ତି। ବିଭିନ୍ନ ପଞ୍ଚାୟତ ଏବଂ ବୁଥ୍‌ସ୍ତରରେ ପୋଷ୍ଟର, ବ୍ୟାନର ପହଞ୍ଚାଇବା ପାଇଁ କେଉଁମାନଙ୍କୁ ଦାୟିତ୍ୱ ଦିଆଯିବ, ତାହାର ତାଲିକା ପ୍ରସ୍ତୁତ ହେଉଥିବା ବେଳେ କେତେ ଗାଡ଼ି ବ୍ୟବହାର କରାଯିବ, କେଉଁ କେଉଁ ଜାଗାରେ ବଡ଼ ଧରଣର ଦଳୀୟ ସଭା ଅନୁଷ୍ଠିତ ହେବ, ସଭାରେ କେଉଁ ନେତାମାନେ ଯୋଗ ଦେବେ ସେ ସମ୍ବନ୍ଧରେ ପ୍ରସ୍ତୁତି ଚାଲିଛି। ଅନ୍ୟପଟେ ମାଲକାନଗିରି ବିଧାନସଭାର କଂଗ୍ରେସ ପ୍ରାର୍ଥୀ ମାଲା ମାଢ଼ି ଏବଂ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି କର୍ମକର୍ତ୍ତାଙ୍କୁ ନେଇ ଦଳୀୟ ପ୍ରଚାର କମିଟିର ରୂପରେଖ ପ୍ରସ୍ତୁତି କରୁଛନ୍ତି । ସେହିପରି ମାଲକାନଗିରି ନିର୍ବାଚନ ମଣ୍ଡଳୀ ଭାଜପା ଦଳୀୟ ପ୍ରାର୍ଥୀ ଆଦିତ୍ୟ ମାଢ଼ି ଏବଂ ଦଳ ସ୍ଥାନୀୟ ସଭାପତି ଅଶୋକ ପରିଡ଼ା, ଅଶୋକ ବୈଦ୍ୟ, ସାମଲ ସୁନାନୀ ଏବଂ ଦଳୀୟ ନେତା ରଣନୀତି ପ୍ରସ୍ତୁତ କରିବା ସହ ଗ୍ରାମାଞ୍ଚଳରେ ଏକପ୍ରକାର ପ୍ରଚାର ଆରମ୍ଭ କରି ଦେଇଛନ୍ତି।

ଚିତ୍ରକୋଣ୍ଡା ବିଧାନସଭା ମଣ୍ଡଳୀ ପାଇଁ ମଧ୍ୟ ବିଜେଡି ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ବାକା, ପୂର୍ବତନ ବିଧାୟକ ଡମ୍ବରୁ ଶିଶା କର୍ମୀମାନଙ୍କୁ ଧରି ପ୍ରଚାର ଆରମ୍ଭ କରିଛନ୍ତି। ଜିଲା ସଭାପତି ମାନସ ମାଡକାମି ବର୍ତ୍ତମାନ ମାଲକାନଗିରିରେ ନ ଥିବାରୁ ଉଭୟ ମାଲକାନଗିରି ଏବଂ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ ଦଳୀୟ ପ୍ରଚାରରେ ସାମିଲ ହୋଇ ପାରି ନ ଥିବା ଜଣାପଡିଛି। ସେହିପରି ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପଦୁ ମାଝୀ ଭାଜପା ଟିକେଟ ପାଇଲା ପରେ ପ୍ରାର୍ଥୀପତ୍ର ଦାଖଲ କରି ବିଚ୍ଛିନ୍ନାଞ୍ଚଳରେ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି। ତେବେ ଉକ୍ତ ନିର୍ବାଚନ ମଣ୍ଡଳୀ ପାଇଁ ଭାଜପାର ଆଶାୟୀ ପ୍ରାର୍ଥୀ ପୂର୍ବତନ ଉପବାଚସ୍ପତି ପ୍ରହଲ୍ଲାଦ ଦୋରାଙ୍କୁ ଟିକଟ ନ ମିଳିବାରୁ ସେ ଅସନ୍ତୁଷ୍ଟ ରହିଛନ୍ତି। ଅନ୍ୟପଟେ ଚିତ୍ରକୋଣ୍ଡା ବିଧାନସଭା ମଣ୍ଡଳୀ ପାଇଁ କଂଗ୍ରେସ ତରଫରୁ ଲକ୍ଷ୍ମୀପ୍ରିୟା ନାୟକଙ୍କୁ ଟିକେଟ ମିଳିଥିବାବେଳେ ତାଙ୍କୁ ବିରୋଧ କରି ମାଥିଲି ଅଞ୍ଚଳର ଯୁବନେତା ବାଲାରାଜୁ କପେ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ଲଢ଼ିବେ। କଂଗ୍ରେସ ବାଲାରାଜୁଙ୍କୁ ବହିଷ୍କାର କରିଥିଲେ ମଧ୍ୟ ମାଥିଲି ଅଞ୍ଚଳରେ କଂଗ୍ରେସର କିଛି ଭୋଟ ବିଭାଜନ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଚର୍ଚ୍ଚା ହେଉଛି।

■ମାଲକାନଗିରି, ଚିତ୍ରକୋଣ୍ଡା ବିଧାନସଭା ଆସନ ପ୍ରାର୍ଥିପତ୍ର ଯାଞ୍ଚ

# ୧୪ ପ୍ରାର୍ଥିପତ୍ର କାଏମ, ୩ ନାକଚ

ମାଲକାନଗିରି,୨୭।୩(ଡି.ଏନ୍.ଏ.)

ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ମାଲକାନଗିରି ଜିଲାର ଦୁଇଟି ବିଧାନସଭା ଆସନରେ ନିର୍ବାଚନ ପାଇଁ ମଙ୍ଗଳବାର ନାମାଙ୍କନପତ୍ର ଦାଖଲର ଶେଷ ଦିନ ଥିବାବେଳେ ବୁଧବାର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ମାଲକାନଗିରି ବିଧାନସଭା ପାଇଁ ୮ ଜଣ ଏବଂ ଚିତ୍ରକୋଣ୍ଡା ପାଇଁ ୯ ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ। ଯାଞ୍ଚବେଳେ ମାଲକାନଗିରି ବିଧାନସଭା ଆସନ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ଅଖିଳ ଭାରତୀୟ ଫରଓ୍ୱାର୍ଡ ବ୍ଲକର ବିକାଶ ମାଢ଼ିଙ୍କ ନାମାଙ୍କନପତ୍ର ନାକଚ ହୋଇଥିବା ବେଳେ ଚିତ୍ରକୋଣ୍ଡା ବିଧାନସଭା ଆସନ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ଅଖିଳ ଭାରତୀୟ ଫରଓ୍ୱାର୍ଡ଼ ବ୍ଲକର ସ୍ୱର୍ଣ୍ଣମଣି ନାୟକ ଓ ସ୍ୱାଧୀନ ପ୍ରାର୍ଥୀ ସଂଯୁକ୍ତା ଖିଲଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଛି। ମାଲକାନଗିରି ବିଧାନସଭା ଆସନ ପାଇଁ କଂଗ୍ରେସର ମାଲା ମାଢ଼ି, ଭାଜପାର ଆଦିତ୍ୟ ମାଢ଼ି, ବିଜେଡିର ମୁକୁନ୍ଦ ସୋଢ଼ି, ବିଏସପିର ଜରାଶବର ମାଢ଼ି, ହିନ୍ଦୁସ୍ଥାନ ନିର୍ମାଣ ଦଳର ବିଜୟ କୁମାର ନାୟକ ଓ ସ୍ୱାଧୀନ ପ୍ରାର୍ଥୀ ଉଦୟ ନାରାୟଣ ବୁରୁଦା ଏବଂ ପାର୍ବତୀ ନାୟକଙ୍କ ପ୍ରାର୍ଥିପତ୍ର କାୟମ ରହିଛି । ସେହିଭଳି ଚିତ୍ରକୋଣ୍ଡା ବିଧାନସଭା ଆସନ ପାଇଁ କଂଗ୍ରେସର ଲକ୍ଷ୍ମୀପ୍ରିୟା ନାୟକ, ଭାଜପାର ପଦୁ ମାଝି, ବିଜେଡିର ପୂର୍ଣ୍ଣଚନ୍ଦ୍ର ବାକା, ବିଏସପିର ସନାତନ କବାସୀ, ସମତା କ୍ରାନ୍ତି ଦଳର ଘେନୁ ମୁଦୁଲି ଓ ସ୍ୱାଧୀନ ପ୍ରାର୍ଥୀ ବାଲାରାଜୁ କୋପେ ଏବଂ ଭୀମସେନ ନାୟକଙ୍କ ପ୍ରାର୍ଥିପତ୍ର କାୟମ ରହିଛି । ଏପରି ମାଲକାନଗିରି ପାଇଁ ୭ ଜଣ ଓ ଚିତ୍ରକୋଣ୍ଡା ପାଇଁ ୭ ଜଣଙ୍କ ପ୍ରାର୍ଥିପତ୍ର କାୟମ ରହିଥିବା ଉପ ଜିଲାପାଳ ତଥା ରିଟର୍ନିଂ ଅଧିକାରୀ ରାମେଶ୍ୱର ପ୍ରଧାନ ପ୍ରକାଶ କରିଛନ୍ତି।

# ମାନ୍ୟମକୋଣ୍ଡା ଫେରିଲେ ୩ ଠାକୁର

କାଲିମେଳା,୨୭।୩(ଡି.ଏନ.ଏ)

ମାସେ ଧରି ଚାଲିଥିବା ମାଲକାନଗିରି ଜିଲାର ପ୍ରସିଦ୍ଧ ବଡ଼ଯାତ୍ରା ଶେଷ ହେବା ପରେ ୩ ଠାକୁର ନିଜର ବାସସ୍ଥାନ କାଲିମେଳା ବ୍ଲକ୍ ମାନ୍ୟମକୋଣ୍ଡା ଗ୍ରାମକୁ ଫେରିଛନ୍ତି । ଗତ ବୁଧବାର ଦିନ ୩ ଠାକୁର କାନାମରାଜ,ବାଲରାଜ ଓ ପୋତରାଜ ମାଲକନାଗିରିଠାରେ ଯାତ୍ରା ଶେଷ କରି ମାନ୍ୟମକୋଣ୍ଡା ଅଭିମୁଖେ ବାହାରିଥିଲେ । ପରମ୍ପରା ଅନୁଯାଇ ଯେଉଁ ଗ୍ରାମଗୁଡ଼ିକରେ ଠାକୁରଙ୍କ ରହିବା ବ୍ୟବସ୍ଥା ଅଛି ସେହି ସ୍ଥାନରେ ରହି ରହି ୫ ଦିନପରେ ଅର୍ଥାତ ଗତ ରବିବାର ମାନ୍ୟମକୋଣ୍ଡାଠାରେ ପହଞ୍ଚିଥିଲେ। ସୋମବାର ବିଶ୍ରାମ ନେବା ପରେ ମଙ୍ଗଳବାର ୩ ଠାକୁର ତାଙ୍କର ବାସସ୍ଥାନ ମାନ୍ୟମକୋଣ୍ଡା ବାହାଡ଼ ଗୁମ୍ଫା ମଧ୍ୟକୁ ପ୍ରବେଶ କରିଛନ୍ତି। ମୁଖ୍ୟ ପୂଜାରୀମାନେ ଠାକୁରମାନଙ୍କୁ ସେହି ଗୁମ୍ଫାଭିତର ସୁସଜ୍ଜିତ ବେଶ କରି ସ୍ଥାପିତ କରିଥାନ୍ତି। ମଙ୍ଗଳବାର ଏହି ଯାତ୍ରା ସମୟରେ ମାନ୍ୟମକୋଣ୍ଡାଠାରେ ପ୍ରବଳ ଜନସମାଗମ ହୋଇଥିବା ଦେଖିବାକୁ ମିଳିଥିଲା । ମାନ୍ୟମକୋଣ୍ଡା ବଡ଼ଯାତ୍ରା କମିଟି ସଭାପତି ଭଗବାନ ହନ୍ତାଳ ସମ୍ପାଦକ ଲକ୍ଷ୍ମୀଧର ମାଡକାମି, କମିଟି ସଦସ୍ୟ ଲାଛା ମାଡକାମି, ଅନନ୍ଦ ଖିଲ, ଭଗବାନ ଗୋଲରୀଙ୍କ ସମେତ ଗ୍ରାମର ଯୁବକମାନେ ଏହି କମିଟିରେ ସାମିଲ ହୋଇ ବଡଯାତ୍ରାରେ ଶାନ୍ତିଶୃଙ୍ଖଳାରେ ରକ୍ଷା କରିବାରେ ସହାୟତା କରିଥିଲେ। ଭକ୍ତମାନେ କିଭଳି ଠାକୁରଙ୍କୁ ଦର୍ଶନ କରିପାରିବେ, ସେଥିପାଇଁ ସୁବ୍ୟବସ୍ଥା କରାଯାଇଥିଲା। ମାନ୍ୟମକୋଣ୍ଡା ଗ୍ରାମର ତଥା ଠାକୁରଙ୍କ ମୁଖ୍ୟ ପୂଜକ ମାନ୍ୟମ ସତ୍ୟନାରାୟଣ ରୀତନୀତି ଅନୁଯାଇ ସମସ୍ତ ପୂଜାର୍ଚ୍ଚନା କାର୍ଯ୍ୟ ସମାପନ କରିଥିଲେ।



### ବିଦ୍ୟାର୍ଥୀଙ୍କୁ ସୁରକ୍ଷା ତାଲିମ

ପାଣ୍ଡ୍ରିପାଣି,୨୭।୩(ଡି.ଏନ୍,ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ନାୟକଗୁଡ଼ା ପଞ୍ଚାୟତ ସଦରସ୍ଥିତ କସ୍ତୁରବା ଗାନ୍ଧି ବାଳିକା ଉଚ୍ଚବିଦ୍ୟାଳୟରେ ସିଓ୍ୱାଇଏସ୍‌ଡି ଓ ଚାଇଲ୍ଡ ଫଣ୍ଡ ମିଳିତ ଆନୁକୂଲ୍ୟରେ 'ବିଦ୍ୟାଳୟ ନିରାପତ୍ତା ଓ ସୁରକ୍ଷା' ସମ୍ପର୍କିତ ଦୁଇ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଛାତ୍ରୀଛାତ୍ରଙ୍କୁ ସୂଚନା ପ୍ରଦାନ, ସ୍ଥାନାନ୍ତର ପ୍ରକ୍ରିୟା, ଉଦ୍ଧାର କାର୍ଯ୍ୟ, ଆଶୁ ଚିକିତ୍ସା ଓ ପରିଚାଳନା ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଇଛି। ସିଭିଲ ଡିଫେନ୍ସ ଅନୁଷ୍ଠାନର ତାଲିମଦାତା ଦୀପକ କୁମାର ଗିରି ତାଲିମ ପ୍ରଦାନ କରିଥିଲେ। ଶିବିରରେ ମୁଖ୍ୟ ଅତିଥିଭାବେ କସ୍ତୁରବା ଗାନ୍ଧି ବାଳିକା ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ପଣ୍ଡା, ସମ୍ମାନିତ ଅତିଥି ସହକାରୀ ଶିକ୍ଷକ ରମେଶ ପଣ୍ଡା, ଗୀତାଞ୍ଜଳୀ ବେହେରା ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ସୁରକ୍ଷା ସମ୍ପର୍କରେ ପରାମର୍ଶ ଦେଇଥିଲେ। ସିଓ୍ୱାଏସ୍‌ଡିର ବିକାଶ କୁମାର ଦଣ୍ଡସେନା ଏବଂ ଚାଇଲ୍ଡ ଫଣ୍ଡର ସରୋଜ କୁମାର ଅଗସ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ନିର୍ବାଚନ ପ୍ରଚାର କାର୍ଯ୍ୟରେ କଟକଣା

# ଚାରିଚକିଆରୁ ଊର୍ଦ୍ଧ୍ୱ ଯାନ ବ୍ୟବହାର ହେବନି

ମାଲକାନଗିରି,୨୭।୩ (ଡି.ଏନ୍.ଏ.)

ନିର୍ବାଚନୀ ସଭା, ସମିତିରେ ଗାଡି ବ୍ୟବହାର, ପୋଷ୍ଟର, ବ୍ୟାନର, ଡାକବାଜି ଯନ୍ତ୍ର, ସଭାରେ ଉପସ୍ଥିତ ଥିବା ଲୋକଙ୍କ ଖାଦ୍ୟପେୟର ସମସ୍ତ ତଥ୍ୟ ସଭା ପୂର୍ବରୁ ଅନୁମତି ନେବାକୁ ରାଜନୈତିକ ଦଳଗୁଡ଼ିକୁ ବାଧ୍ୟ କରିଛନ୍ତି ନିର୍ବାଚନ କମିଶନ। ଏଥିରେ ବ୍ୟତିକ୍ରମ ହେଲେ ନିର୍ବାଚନ କମିଶନ ସମ୍ପୃକ୍ତ ପ୍ରାର୍ଥୀଙ୍କ ବିରୁଦ୍ଧରେ କଡ଼ା କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି। ଅନ୍ୟପଟେ ଚଳିତ ନିର୍ବାଚନରେ ଚାରି ଚକିଆରୁ ଊର୍ଦ୍ଧ୍ୱ ଭାରି ଯାନ ବ୍ୟବହାର ଉପରେ କଟକଣା ଜାରି ହୋଇଛି। ନିର୍ବାଚନ ସମୟରେ ଅନୁମାନିକ ୫ ଶହରୁ ଊର୍ଦ୍ଧ୍ୱ ଛୋଟଗାଡ଼ି ଆବଶ୍ୟକ ଥିଲା ଜିଲାରେ ଏତେ ସଂଖ୍ୟକ ଗାଡ଼ିର ଅଭାବ ରହିଥିବା ଜଣାପଡ଼ିଛି। ମାଲକାନଗିରିର ସମସ୍ତ ଚାରିଚକିଆ ଯାନ ମାଲିକମାନଙ୍କୁ ନିର୍ବାଚନ କାର୍ଯ୍ୟରେ ଗାଡ଼ି ନିୟୋଜିତ କରିବା ପାଇଁ ଜିଲା ସଡ଼କ ପରିବହନ ଅଧିକାରୀ ଚିଠି କରିଥିବା ବେଳେ ତିନିଜଣ ମାଲିକ ଗାଡ଼ିର କାଗଜପତ୍ର ଡିପୋଜିଟ କରି ନ ଥିବାରୁ ତାଙ୍କ ନାମରେ ଗିରଫ ପରଓ୍ୱାନା ଜାରି ହୋଇଥିବା ପ୍ରହଲ୍ଲାଦ ବେହେରା ପ୍ରକାଶ କରିଛନ୍ତି। ରାଜନୈତିକ ଦଳଗୁଡିକ କେତେ ଗାଡି ବ୍ୟବହାର କରିବେ ତାହାର ତାଲିକା, ମାଲିକଙ୍କ ନାମ, ଆର୍‌ସିବୁକ୍ ଓ ଡ୍ରାଇଭିଂ ଲାଇସେନ୍ସ ସହିତ ଉପଜିଲାପାଳଙ୍କୁ ଜଣାଇ ଅନୁମତି ନେବାକୁ ଥିବାବେଳେ ଏନେଇ ଉଭୟ ପ୍ରଶାସନ ଏବଂ ରାଜନୈତିକ ଦଳଙ୍କ ପାଇଁ ସମସ୍ୟା ଦେଖାଦେଇଛି। ଏଥିପାଇଁ ଅନ୍ୟ ଜିଲାରୁ ଗାଡି ଆଣିବା ପାଇଁ ପ୍ରଚେଷ୍ଟା ଜାରି ରହିଥିବା ବିଶେଷ ସୂତ୍ରରୁ ପ୍ରକାଶ ।

# ୪ ଛାତ୍ରଙ୍କୁ ରାଜ୍ୟପାଳ ପୁରସ୍କାର

ପାତ୍ରପୁର,୨୭।୩(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ଭରତପତି ମହାବିଦ୍ୟାଳୟର ୪ଜଣ ଛାତ୍ରଙ୍କୁ ବୁଧବାର ରାଜ୍ୟପାଳ ପୁରସ୍କାର ମିଳିଛି। ରୋବର ବିଭାଗରେ ଓଡ଼ିଶାରୁ ୧୫ ହଜାରରୁ ଊର୍ଦ୍ଧ୍ୱଛାତ୍ର ଯୋଗ ଦେଇଥିବା ବେଳେ ପାତ୍ରପୁର ମହାବିଦ୍ୟାଳୟର ୮ ଜଣ ଛାତ୍ର ଭାଗ ନେଇଥିଲେ। ଏଥିରୁ ଯୁକ୍ତ ୩ ଶେଷ ବର୍ଷର ଛାତ୍ର ସବ୍ୟସାଚୀ ଉଦଣ୍ଡରାୟ, ସୁଶାନ୍ତ କୁମାର ପ୍ରଧାନ, ରତନ କୁମାର ସେଠୀ ଓ ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ର ଦେବାଶିଷ ବେହେରା ଉତ୍ତୀର୍ଣ୍ଣ ହୋଇଥିଲେ। ରାଜ୍ୟର ଭାରତ ସ୍କାଉଟ୍ ଆଣ୍ଡ ଗାଇଡ୍ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦିଆଯାଇଥିବା ବେଳେ କୃତୀ ଛାତ୍ରଙ୍କୁ ରାଜ୍ୟପାଳ ଭବନରେ ଏକ ଉତ୍ସବରେ ପ୍ରଫେସର ଗଣେଶୀ ଲାଲ୍ ମାନପତ୍ର ପ୍ରଦାନ କରିଥିଲେ।

# ନନ୍ଦନିକା ପକ୍ଷରୁ ବିଶ୍ୱ ନାଟକ ଦିବସ

କୋରାପୁଟ,୨୭।୩ (ସ୍ୱ.ପ୍ର.)

କୋରାପୁଟର ନନ୍ଦନିକା ଅନୁଷ୍ଠାନ ପକ୍ଷରୁ ବୁଧବାର ବିଶ୍ୱ ନାଟକ ଦିବସ ପାଳନ କରାଯାଇଛି । ସ୍ଥାନୀୟ ବିକାଶ ବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ କମଳେଶ ସାହୁ ଓ ଗୋକୁଳ ଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେଇ ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ନନ୍ଦନିକାର ନିର୍ଦ୍ଦେଶିକା ମନୋଦୀପା ଗୁପ୍ତା ଓ ସଂପାଦକ ସୌମେନ୍ଦ୍ର ସ୍ୱାଇଁ ଯୋଗଦେଇ ନାଟକର ଇତିହାସ ସଂପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ବିଦ୍ୟାଳୟର ୫୦ ଜଣ ପିଲାମାନଙ୍କୁ ନାଟକରେ କିପରି ଅଂଶଗ୍ରହଣ କରିପାରିବେ, ସେ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ । ଜଜ୍ ଭାବେ ତନୟା ପତି, ସସ୍ମିତା ପ୍ରିୟଦର୍ଶିନୀ, ଉତ୍କଳ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ । ଏହି ଅବସରରେ ସଫଳ ନାଟକ ତଥା ନିଜର ପ୍ରତିଭା ପ୍ରଦର୍ଶନ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଆସନ୍ତା ଦେଓମାଳୀ ନାଟକ ଉତ୍ସବ ପାଳନ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ନନ୍ଦନିକା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ।



ବିଶ୍ୱ ନାଟକ ଦିବସରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି ।

# ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଗୋପାଳପୁର,୨୭।୩

ଗୋପାଳପୁର ନିର୍ବାଚନ ମଣ୍ଡଳୀର ଗୋଳନ୍ଥରା ଓ ଗୋପାଳପୁର ଥାନା ପକ୍ଷରୁ ୮ଟି ଗ୍ରାମରେ ବୁଧବାର ସନ୍ଧ୍ୟାରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଗୋଳନ୍ଥରା ଥାନାଧିକାରୀ ବାବୁଲି ନାୟକ ଓ ସିଆଇଏସ୍‌ଏଫ୍ ଯବାନମାନେ କୋଠାରସିଙ୍ଗ, ମନ୍ତ୍ରିଡ଼ି ଓ କନିଷି ଗ୍ରାମଗୁଡ଼ିକରେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ସେହିପରି ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ନୂଆବକ୍ସିପଲ୍ଲୀ, ବନ୍ଧପଲ୍ଲୀ, ଭାବିନାରାୟଣପୁର, ଦିଗିପୁର ଓ ଭେଙ୍କେଟରାୟପୁର ଗ୍ରାମରେ ଫ୍ଲାଗ୍‌ମାର୍ଚ୍ଚ ହୋଇଛି। ନିର୍ବାଚନକୁ ଶୃଙ୍ଖଳାର ସହ ଶେଷ କରିବା ପାଇଁ ପ୍ରସ୍ତୁତ ଚଳାଇବା ସହ ଗ୍ରାମରେ ଅପରାଧୀ ଓ ଅସାମାଜିକମାନଙ୍କ ଗତିବିଧି ଉପରେ ନଜର ରଖାଯାଇଥିବା ପୋଲିସ କହିଛି। ଗୋଳନ୍ଥରା ଅତିରିକ୍ତ ଇନ୍ସପେକ୍ଟର ବସନ୍ତ ସେଠୀ ଓ ଏଏସ୍‌ଆଇ ଗୋବିନ୍ଦ ମଲିକ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଶିଶୁ ମନ୍ଦିରର ବାର୍ଷିକୋତ୍ସବ

ବୁଗୁଡ଼ା,୨୭।୩(ଡି.ଏନ.ଏ.)

ବୁଗୁଡ଼ା ସାଇ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ସମ୍ପୃକ୍ତ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ଶ୍ୟାମ ସୁନ୍ଦର ନାୟକ ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ବିଇଓ ରସାନନ୍ଦ କର, ମୁଖ୍ୟବକ୍ତା ରୂପେ ଶିକ୍ଷକ ଜୟନ୍ତ କୁମାର ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ବୁଦ୍ଧଗିରି ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସ୍ୱରୂପ ରଞ୍ଜନ ମହାନ୍ତି, ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି, ସଂସ୍କୃତ ମହାବିଦ୍ୟାଳୟର ନିର୍ଦ୍ଦେଶକ ଦେବୀ ପ୍ରସାଦ ଦାଶ ପ୍ରମୁଖ ଯୋଗଦେଇ ନିଷ୍ଠାପର ଭାବେ ଅଧ୍ୟୟନ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଶିଶୁ ମନ୍ଦିରର ସମ୍ପାଦକ ଦୁର୍ଗା ପ୍ରସାଦ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁରେଶ ଚନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରମାନେ ଦେଶର ଭବିଷ୍ୟତ ନାଗରିକ । ତେଣୁ ସେମାନେ ବିଦ୍ୟାଳୟସ୍ତରରେ ନୀତି ଆଦର୍ଶ ଏବଂ ଶୃଙ୍ଖଳାଜ୍ଞାନ ଶିଖିବା ଉଚିତ । କଠିନ ପରିଶ୍ରମ ଏବଂ ନିଷ୍ଠାପର ଜୀବନଯାପନ ଶୈଳୀ ଜଣେ ଛାତ୍ରକୁ ଭବିଷ୍ୟତରେ ସୁନାଗରିକ ଭାବେ ଗଢି ତୋଳିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ ।



## ସଂକ୍ଷେପରେ



### ଛାତ୍ରୀମାନଙ୍କୁ ପାଠ୍ୟ ଉପକରଣ ବଣ୍ଟନ

**ଚନ୍ଦ୍ରପୁର, ୨୭।୩(ଡି.ଏନ୍.ଏ.):** ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ସଦର ମହକୁମାସ୍ଥିତ ସିଆର୍‌ପିଏଫ୍ ଅଷ୍ଟମ ବାଟାଲିୟନର ସିଭିକ୍ ଏକସନ ପ୍ରୋଗ୍ରାମରେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ୪୦ଜଣ ଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି। ସିଆର୍‌ପିଏଫ୍ କମାଣ୍ଡାଣ୍ଟ ନରେନ୍ଦ୍ର କୁମାର ସିଂ ମୁଖ୍ୟ ଅତିଥି, ଇନ୍ସପେକ୍ଟର କେ.ସି ମଲ୍ଲିକ , ଏଏସ୍‌ଆଇ ପିଏନ୍ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ନୋଟ୍‌ବୁକ୍,ପେନସିଲ୍, କଟର, ରବର ଆଦି ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍କୁଲ ଶିକ୍ଷକମାନେ ସହଯୋଗ କରିଥିଲେ।

### ବିଷାକ୍ତ ପଦାର୍ଥ ଖାଇ ମହିଳାଙ୍କ ଆତ୍ମହତ୍ୟା

**କାଶୀନଗର, ୨୭।୩(ଡି.ଏନ.ଏ.):** କାଶୀନଗର ବ୍ଲକ ହାଡୁବାଙ୍ଗି ପଞ୍ଚାୟତ ବିସ୍ତଲା ଗ୍ରାମରେ ଜଣେ ମହଳି ବିଷାକ୍ତ ରାସାୟନିକ ପଦାର୍ଥ ଖାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଏ ନେଇ କାଶୀନଗର ଥାନାରେ ୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବାବେଳେ ମୃତ ମହିଳାଙ୍କ ନାମ ପି. ବିଜୟଲକ୍ଷ୍ମୀ ବୋଲି ଜଣାପଡ଼ିଛି।

### ପ୍ରଧାନ ଶିକ୍ଷକଙ୍କ ବିଶ୍ରାମ ଫଟୋ ଭାଇରାଲ

**ଭଞ୍ଜନଗର,୨୭।୩(ଡି.ଏନ.ଏ.):** ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ପଢୁଥିବା ଛାତ୍ରାଛାତ୍ରଙ୍କ ବାର୍ଷିକ ପରୀକ୍ଷା ଗତ ୨୦ ତାରିଖରୁ ସରିଛି। ବୁଧବାର ସୁଦ୍ଧା ଖାତା ମୂଲ୍ୟାୟନ ହୋଇ ୨୯ ତାରିଖରେ ପରୀକ୍ଷା ଫଳ ପ୍ରକାଶିତ ହେବ। ଏନେଇ ଅଭିଭାବକମାନେ ବିଦ୍ୟାଳୟକୁ ଯାଇ ଫଳାଫଳ ଦେଖିବେ। ୩୧ ତାରିଖରେ ମାର୍କ ଶିଟ୍ ପ୍ରଦାନ କରାଯିବ। ଏପ୍ରିଲ ୨ ତାରିଖରୁ ନୂତନ ଶ୍ରେଣୀ ପାଇଁ ପ୍ରବେଶ ଉତ୍ସବ ହେବ। ଏବେ ବିଦ୍ୟାଳୟରେ ଛାତ୍ରାଛାତ୍ରଙ୍କ ଉପସ୍ଥାନ କମୁଛି। ଏହିଭଳି ପରିସ୍ଥିତିରେ ବୁଧବାର ଜଗନ୍ନାଥପ୍ରସାଦ ବ୍ଲକ ଗାୟଗଣ୍ଡା ଅଞ୍ଚଳର ଏକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଳୟର ଏକ କୋଠରି ମଧ୍ୟରେ ଶୋଇଥିବା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଯାହା ସମ୍ପୃକ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

### ମନ୍ଦିର ଟଙ୍କାକୁ ନେଇ ଗଣ୍ଡଗୋଳ, ୪ ଆହତ

**ଗୋପାଳପୁର,୨୭।୩:** ପୂର୍ବ ଶତ୍ରୁତା ଓ ମନ୍ଦିର ଟଙ୍କାକୁ ନେଇ ଗତ ଶନିବାର ଗ୍ରାମରେ ଗଣ୍ଡଗୋଳ ଘଟି ୪ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ହରିବନ୍ଧୁ ମଣ୍ଡଳ, ସୀତାରାମ ମଣ୍ଡଳ, ଚୈତନ୍ୟ ପ୍ରଧାନ, ଯୋଗା ନାହାକ। ଗୋଳନ୍ଥରା ଥାନା ପଞ୍ଚମା ଗ୍ରାମର ମନ୍ଦିର ଟଙ୍କାକୁ ନେଇ ପୁରାତନ କମିଟି ନୂତନ କମିଟିକୁ ହିସାବପତ୍ର ହସ୍ତାନ୍ତର କରୁନଥିବାରୁ ଗ୍ରାମରେ କିଛି ମାସ ହେଲା ଅଶାନ୍ତ ଲାଗି ରହିଛି। ରବିବାର ରାତି ୯ଟାରେ ହରିବନ୍ଧୁ ମଣ୍ଡଳ ଗାଈ ଫାର୍ମରୁ ଘରକୁ ଫେରୁଥିବା ବେଳେ ଗ୍ରାମର ରାଜୁ ମଣ୍ଡଳ ନିଶାସକ୍ତ ହୋଇ ବଡ଼ସାହିରେ ହରିବନ୍ଧୁଙ୍କୁ ଗାଳିଗୁଲଜ କରିଥିଲେ। ରାଜୁଙ୍କ ପରିବାର ଆସି ରାଜୁଙ୍କୁ ଘରକୁ ନେଇ ଯାଇଥିଲେ। କିଛି ସମୟ ପରେ ବାରିପଟୁ ରାଜୁ ଧାରୁଆ ଅସ୍ତ୍ର ଧରି ହରିବନ୍ଧୁଙ୍କୁ ଆକ୍ରମଣ କରିବାକୁ ଆସିବା ବେଳେ ରାଜୁଙ୍କ ସମର୍ଥକ ବିଦ୍ୟାଧର ନାହାକ ଓ ତାଙ୍କ ପୁଅ ଯୋଗା ହରିବନ୍ଧୁଙ୍କୁ ଆକ୍ରମଣ କରିଥିଲେ। ହରିବନ୍ଧୁଙ୍କ ଭାଇ ସୀତାରାମ ଛଡ଼ାଇବା ବେଳେ ବିଦ୍ୟାଧର ସାଇକେଲ ଚେନ୍‌ରେ ତାଙ୍କୁ ମଧ ଆକ୍ରମଣ କରିଥିଲେ। ଆକ୍ରମଣ ପ୍ରତି ଆକ୍ରମଣରେ ୩ ଜଣ ଆହତ ହୋଇଥିଲେ। ସୋମବାର ଅପରାହ୍ନରେ ଚୈତନ୍ୟ ଭୋଜି ଖାଇ ଫେରୁଥିବା ବେଳେ ବିଦ୍ୟାଧର ଓ ଯୋଗା ତାଙ୍କୁ ମନ୍ଦିର ଟଙ୍କା କ'ଣ ହିସାବ ମାଗୁଛୁ ବୋଲି ଯୁକ୍ତି ତର୍କ କରି ପରେ ଆକ୍ରମଣ କରିଥିଲେ। ଏ ନେଇ ହରିବନ୍ଧୁ ଗୋଳନ୍ଥରା ଥାନାରେ ଅଭିଯୋଗ କରିଛନ୍ତି। ନଂ. ୭୬/୧୯ରେ ମାମଲା ରୁଜୁ ହୋଇଥିବା ବେଳେ ଯୋଗାଙ୍କ ପାଲଟା ଅଭିଯୋଗରେ ୭୮/୧୯ରେ ମାମଲା ରୁଜୁ ହୋଇଛି । ତେବେ ପୋଲିସ କାହାରିକୁ ଗିରଫ କରିନଥିବା ଜଣାପଡ଼ିଛି।

# ମେଟାଲ ଚୋରା ଚାଲାଣ ବେଳେ ୫ ଟିପ୍ପର ଜବତ

**ରାୟଗଡା ଅଫିସ୍, ୨୭।୩**

ଚୋରା ଚାଲାଣ ହେଉଥିବା ୫ଟି ମେଟାଲ ବୋଝେଇ ଟିପ୍ପରକୁ ସ୍ଥାନୀୟ ସିରିଗୁଡ଼ା ଛକରେ ରାୟଗଡ଼ା ତହସିଲଦାର ଉମାଶଙ୍କର ବେହେରା ଜବତ କରିଛନ୍ତି। ଏହି ମେଟାଲ କେଉଁଠିକୁ ଚାଲାଣ ହେଉଥିଲା ସେ ନେଇ କୌଣସି ସୂଚନା ମିଳି ନ ଥିବା ତହସିଲଦାର କହିଛନ୍ତି।

ପ୍ରକାଶ ଯେ, ସିରିଗୁଡ଼ା ଦେଇ ୫ଟି ଟିପ୍ପରରେ ମେଟାଲ ଚୋରା ଚାଲାଣ ହେଉଥିବା ନେଇ ତହସିଲଦାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ସେଠାରେ ଅଧିକାରୀଙ୍କ ସହ ବିଭିନ୍ନ ଗାଡି ଓ ସେମାନଙ୍କ କାଗଜପତ୍ର ଯାଞ୍ଚ କରିଥିଲେ। ଏହି ସମୟରେ (ଓଡି-



ଜବତ ହୋଇଥିବା ମେଟାଲ ବୋଝେଇ ଟିପ୍ପର।

୦୪କେ-୭୭୮୫), (ଓଡି-୦୪କେ-୪୪୮୫),(ଓଡି-୦୪କେ-୭୫୮୫)ଓ (ଓଡି-୧୮ବି-୭୧୯୯) ସହ ପଞ୍ଜୀକୃତ ହୋଇ ନ ଥିବା ଏକ ଟିପ୍ପର ମେଟାଲ ବୋଝେଇ କରି ଉକ୍ତ ରାସ୍ତାରେ ଯାଉଥିଲେ। ତହସିଲଦାର ସେଗୁଡିକୁ ଅଟକାଇବା ସହ ମେଟାଲ ବୋଝେଇ ସଂକ୍ରାନ୍ତରେ ଗାଡିର ଡ୍ରାଇଭରମାନଙ୍କୁ ପଚାରି ଥିଲେ। ଡ୍ରାଇଭରମାନେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବା ସହ ମେଟାଲ ଚାଲାଣ ପାଇଁ ଆବଶ୍ୟକ ଦସ୍ତାବିଜ ମଧ୍ୟ ତହସିଲ ଅଧିକାରୀମାନଙ୍କୁ ଦେଖାଇପାରି ନଥିଲେ। ତେଣୁ ସେ ଗୁଡିକୁ ଜବତ କରି ରାୟଗଡା ତହସିଲ କାର୍ଯ୍ୟାଳୟକୁ ଅଣାଯାଇଥିଲା। ତେବେ ଜବତ ହୋଇଥିବା ମେଟାଲଗୁଡିକ କେଉଁଠାରୁ କେଉଁ ସ୍ଥାନକୁ ଚାଲାଣ ହେଉଥିଲା ତାହା ବର୍ତ୍ତମାନ ଜଣାପଡିନଥିବା ତହସିଲଦାର ବେହେରା ସୂଚନା ଦେଇଛନ୍ତି। ରାୟଗଡ଼ାରେ ଥିବା ଖଣିଜ ପଦାର୍ଥକୁ ପଡ଼ୋଶୀ ଆନ୍ଧ୍ର ଓ ଛତିଶଗଡ଼କୁ ଚୋରା ଚାଲାଣ କରାଯାଉଛି। ଏ ନେଇ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସଜାଗ ହେଉ ନ ଥିବାରୁ ଏହା ଦିନକୁ ଦିନ ବଢୁଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।



ଚୈତ୍ର ପର୍ବ ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଉଛି।

## ଏପ୍ରିଲ ୧୫ରୁ ମା' ମଝିଘରିଆଣୀଙ୍କ ଚୈତ୍ରପର୍ବ

**ରାୟଗଡା ଅଫିସ୍, ୨୭।୩**

ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ଚୈତ୍ରପର୍ବ ନିମନ୍ତେ ବୁଧବାର ମନ୍ଦିର ପ୍ରାଙ୍ଗଣରେ ରୀତିନୀତି ଅନୁଯାୟୀ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଏନେଇ ମନ୍ଦିର ପରିଚାଳନା କମିଟି ତରଫରୁ ସ୍ୱତନ୍ତ୍ର ପୂଜାର ଆୟୋଜନ କରାଯାଇଥିଲା। ଶୁଭଖୁଣ୍ଟି ସ୍ଥାପନ ସମୟରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମ୍ୟାନେଜିଂ ଟ୍ରଷ୍ଟି ରାଇସିଂ ବିଡିକା, ଭି.ଶ୍ରୀନିବାସ ରାଓ, ରାଧାକାନ୍ତ ଦଳେଇ, ଆଇ.ସନ୍ୟାସୀ, ଦେବେନ୍ଦ୍ରନାଥ ବେହେରା ଉପସ୍ଥିତ ଥିଲେ। ଏପ୍ରିଲ ୧୫ରୁ ୧୯ତାରିଖ ପର୍ଯ୍ୟନ୍ତ ରୀତିନୀତି ସହ ଆଡ଼ମ୍ବରରେ ମା'ଙ୍କ ଚୈତ୍ରପର୍ବ ପାଳନ କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ସୂଚନା ଦେଇଛି।

■ କାଜୁ ବଗିଚାକୁ ନେଇ ବିବାଦ

# ଜାରି ହେଲା ୧୪୪ ଧାରା

**କାଶୀନଗର,୨୭।୩(ଡି.ଏନ.ଏ.)**

କାଶୀନଗର ବ୍ଲକ ଖାଣ୍ଡବା ପଞ୍ଚାୟତରେ କାଜୁ ବଗିଚାକୁ ନେଇ ବହୁଦିନ ଧରି ଲାଗିରହିଥିବା ଆଦିବାସୀ ଓ ଅଣଆଦିବାସୀଙ୍କ ବିବାଦ ଉଗ୍ରରୂପ ନେଇଛି। ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବାରୁ ବୁଧବାର ଘଟଣାସ୍ଥଳରେ ପ୍ରଶାସନ ପକ୍ଷରୁ ଧାରା ୧୪୪ ଲାଗୁ କରାଯାଇଛି। ମାଜିଷ୍ଟ୍ରେଟ ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ଏସଡିପିଓ ଠାକୁର ପ୍ରସାଦ ପାତ୍ର, ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର, ରାଜସ୍ୱ ବିଭାଗ ଆରଆଇ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ଉପସ୍ଥିତ ଥିଲେ ।



ପ୍ରଶାସନିକ ଅଧିକାରୀମାନେ ନାଲି ପତାକା ଲଗାଇବା ପାଇଁ ପହଞ୍ଚିଛନ୍ତି।

## ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

**କୋଲନରା, ୨୭।୩(ଡି.ଏନ୍.ଏ.)**

କୋଲନରା ବ୍ଲକ ସଦର ମେନ୍ ରୋଡ ଦୈନିକ ବଜାରରେ ବୁଧବାର ବିଜେଡିର ଏକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ, ବିଷମକଟକ ବିଧାୟକ ଜଗନ୍ନାଥ ସାରକା, ଏମ୍‌ପି ପ୍ରତିନିଧି ବି.ତିରୁପତି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳୀୟ କର୍ମୀ ଆଗୁଲୁ ପାତ୍ର, ଜଗନ୍ନାଥ ଦୋରା, ହରି ଉଲ୍ଲାକା, ନାନୁ ପାତ୍ରୀ, ହୁଇକା ଏକେଟିଂ, ବୁଲୁ ସାହୁ, ଟୁଲା ଜେନା, ଜି.ରବି, ସହଦେବ ତୋଇକା, ଯୋଗେନ୍ଦ୍ର ଉନ୍ତଡା, ଜି.ଶଶୀ, ପି.ସନ୍ତୁଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ସରିଲା ନିଲାବାଡ଼ି ଯାତ୍ରା



ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି।

**ଟିକିରି, ୨୭।୩(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ କୁଡୁକା ବାହାଲ ପଞ୍ଚାୟତ ମଇଲିଗୁଡ଼ାରେ ନିଲାବାଡି ଯାତ୍ରା ଉଦ୍‌ଯାପିତ ହୋଇଛି। ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ବହୁ ଧୁମ୍‌ଧାମରେ ମା'ଙ୍କ ପୂଜା କରାଯାଇଛି। ଏହି ଅବସରରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶ୍ରଦ୍ଧାଳୁମାନେ ମା'ଙ୍କ ପାଖରେ ବିଭିନ୍ନ ପ୍ରକାର ଭୋଗ ସହ ପଶୁ ପକ୍ଷୀ ବଳି ମଧ୍ୟ ଦେଇଥିଲେ। ଅଜୟ ମାଝି ପୂଜା ଦାୟିତ୍ୱ ତୁଲାଇଥିଲେ। କୃଷ୍ଣ ମାଝି, ରାମ ମାଝି ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ପାଇପ୍‌ରେ ପିଟିପିଟି ଯୁବକଙ୍କୁ ହତ୍ୟା

**ସେମିଳିଗୁଡ଼ା, ୨୭।୩(ସ୍ୱ.ପ୍ର.)**

**ଦାଦାବଟି ଆଦାୟ ଅଭିଯୋଗ**

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ଫୁଲଡ଼ବା ଗ୍ରାମରେ ଦାଦାବଟି ଆଦାୟକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଅତି ଅମାନୁଷିକ ଭାବେ ହତ୍ୟା କରାଯାଇଛି। ଆର୍‌କେ ମାଳିଗୁଡ଼ା ଗ୍ରାମର ବିଜୟ ଖିଲ ଏବଂ ତାଙ୍କ ପୁଅ ମିଶି ଦିନ ୧୧ଟାରେ ଏକ ପାଇପ୍ ସାହାଯ୍ୟରେ ଫୁଲଡବା ଗ୍ରାମର ରାମନାଥ କୋଡିଆ(୪୫)ଙ୍କୁ ପିଟିପିଟି ହତ୍ୟା କରିଛନ୍ତି। ବାପ-ପୁଅ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ଗୁରୁତର ରାମନାଥଙ୍କୁ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ରାମନାଥଙ୍କୁ ମୃତ ଘୋଷଣା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ସେମିଳିଗୁଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାନୁସାରେ, ସ୍ଥାନୀୟ ଅଞ୍ଚଳର ଏକ ଘାଟରୁ ବାଲି ଉଠାଇବା ଓ ଗଛ କାଟିବାକୁ ନେଇ ଅଭିଯୁକ୍ତ ବାପା-ପୁଅ ଏବଂ ରାମନାଥଙ୍କ ବିବାଦ ଲାଗି ରହିଥିଲା। ରାମନାଥଙ୍କୁ ବାପା-ପୁଅ ଦୁଇଥର ହତ୍ୟା ଧମକ ଦେଇଥିବା ମଧ୍ୟ ତାଙ୍କ ସ୍ତ୍ରୀ ଭଗବତୀ କହିଛନ୍ତି। ଭଗବତୀଙ୍କ କହିବାନୁଯାୟୀ ୧ ମାସ ଧରି ଏହି ବିବାଦ ଲାଗି ରହିଥିଲା। ନଦୀରୁ ବାଲି ଉଠାଇବା ଏବଂ ନୀଳଗିରିଷ୍ଟ ଗଛ କାଟିବାକୁ ନେଇ ତାଙ୍କ ସ୍ୱାମୀଙ୍କୁ ଧମକ ଦିଆଯାଉଥିଲା। ଅଭିଯୁକ୍ତମାନେ ଦାଦା ବଟି ମଧ୍ୟ ମାଗୁଥିଲେ। କିନ୍ତୁ ଏଥିରେ ତାଙ୍କ ସ୍ୱାମୀ ରାଜି ହୋଇ ନ ଥିଲେ। ବାପ-ପୁଅଙ୍କ ସ୍ୱାର୍ଥରେ ବାଧା ସୃଷ୍ଟି ହେବାରୁ ତାଙ୍କ ସ୍ୱାମୀଙ୍କୁ ସେମାନେ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକେ ପ୍ରଥମେ ସେମିଳିଗୁଡ଼ା ଥାନାରେ ପହଞ୍ଚି ଏ ବିଷୟରେ ଭାରପ୍ରାପ୍ତ ଅଧିକାରୀଙ୍କୁ ଜଣାଇଥିଲେ। ପୋଲିସ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଛି। ଅଭିଯୁକ୍ତଙ୍କୁ ମୃତ୍ୟୁ ଦଣ୍ଡ ଦେବାକୁ ଫୁଲଡବା ଗ୍ରାମର କେଶବ ପାଣ୍ଡକା, ରାମଚନ୍ଦ୍ର ସିଂଘାରୀ, ସାମ ଖୁନ୍‌ବୁଡିଙ୍କ ସମେତ ଅନ୍ୟ ଗ୍ରାମବାସୀ ଦାବି କରିଛନ୍ତି। ଅଭିଯୁକ୍ତଙ୍କୁ ଧରି ଦଣ୍ଡ ନ ଦେଲେ ଭୋଟ ବର୍ଜନ ସହ ରାସ୍ତାରୋକୋ କରାଯିବ ବୋଲି ଆଦିବାସୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବେ ତିରୁପତି

**ପାରଳାଖେମୁଣ୍ଡି,୨୭।୩(ସ୍ୱ.ପ୍ର.)**

**ଆରମ୍ଭ କଲେ ପ୍ରଚାର କାର୍ଯ୍ୟକ୍ରମ**

ଗଜପତି ଜିଲା ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ପାଇଁ ପାରଳା ସ୍ୱାଭିମାନ ମଞ୍ଚର ଆବାହକ ଡ. ତିରୁପତି ପାଣିଗ୍ରାହୀ ନିଜ ନାମାଙ୍କନ କାଏମ ଥିବା ନିଶ୍ଚିତ ହେବା ପରେ ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ସେ ସ୍ୱାଧୀନ ଭାବେ ଲଢିବାକୁ ଥିବାବେଳେ ତାଙ୍କୁ ନିର୍ବାଚନ ପକ୍ଷରୁ ମାଠିଆ ଚିହ୍ନ ମିଳିଥିବା ସୂଚନା ମିଳିଛି। ସେ ଏହି ଅବସରରେ ବୁଧବାର ପାରଳାଖେମୁଣ୍ଡି ସହରର ୱାର୍ଡ ନଂ ୩ରେ ବିଭିନ୍ନ ଯୁବଗୋଷ୍ଠୀଙ୍କ ସହ ସେ ବୈଠକ କରି ନିର୍ବାଚନ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି । ତେବେ ସେ ଚଳିତ ବର୍ଷ କଂଗ୍ରେସ ପ୍ରାର୍ଥୀ ପାଇଁ ଆଶାୟୀ ଥିବାବେଳେ ଦଳ ତାଙ୍କୁ ପ୍ରାର୍ଥୀତ୍ୱର ସୁଯୋଗ ନ ଦେବାରୁ



ଯୁବଗୋଷ୍ଠୀଙ୍କ ସହ ବୈଠକରେ ତିରୁପତି ପାଣିଗ୍ରାହୀ।

ସେ ସ୍ୱାଧୀନ ଭାବେ ମଇଦାନକୁ ଓହ୍ଲାଇଛନ୍ତି । ୱାର୍ଡ ନଂ-୩ରେ ଅନୁଷ୍ଠିତ ହୋଇଥିବା ନିର୍ବାଚନୀ ବୈଠକରେ ବହୁ ସଂଖ୍ୟାରେ ଯୁବକ ଅଂଶଗ୍ରହଣ କରିଛନ୍ତି। ତେବେ ତାଙ୍କ ସହ ଏହି ବୈଠକରେ ସୂର୍ଯ୍ୟନାରାୟଣ ପାତ୍ର, କୃଷ୍ଣ କୁମାର ବେହେରା, ଖଗେଶ୍ୱରୀ ବେହେରା ପ୍ରମୁଖ ଉପସ୍ଥିତ ଥିବା ଦେଖିବାକୁ ମିଳିଛି।

## ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

**ଦାରିଙ୍ଗବାଡ଼ି,୨୭।୩(ଡି.ଏନ.ଏ)**

ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ବୁଧବାର ଏକ ବାଇକ୍ ଦୁର୍ଘଟଣାରେ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଦାରିଙ୍ଗବାଡ଼ିର ଯକ୍ଷ ନାୟକ। ଆହତ ବାଟୋଇଙ୍କ ସହ ଯକ୍ଷଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତେବେ ଯକ୍ଷଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଅନ୍ୟତ୍ର ନେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ଯକ୍ଷ ବାଇକରେ ତୁଲୁରୀ ପଟେ ଯାଉଥିବାବେଳେ ଜଣେ ବାଟୋଇଙ୍କୁ ଧକ୍କାଦେଇ ପଡ଼ିଯାଇଥିଲେ। ଆଇଆଇସି ଅଲେଖ ଗରଡ଼ିଆ, ଏଏସ୍‌ଆଇ ଆର.ଭିମୋରାଓ ରେଡ୍ଡୀ ପହଞ୍ଚି ତଦନ୍ତ ଚଳାଇଛନ୍ତି ।

## ୩ମାସ ହେବ ଶିକ୍ଷକଙ୍କୁ ମିଳିନି ଦରମା

**ଚନ୍ଦ୍ରପୁର, ୨୭।୩(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର କାର୍ଯ୍ୟରତ ସମସ୍ତ ଶିକ୍ଷକଙ୍କୁ ୩ ମାସ ହେବ ଦରମା ମିଳି ନାହିଁ। ଚଳିତ ବର୍ଷ ଆରମ୍ଭରୁ ସେମାନଙ୍କୁ ଦରମା ମିଳିନାହିଁ ବୋଲି ଅନେକ ଶିକ୍ଷକ ଅଭିଯୋଗ କରିଛନ୍ତି। ନିର୍ବାଚନର ବିଭିନ୍ନ କାମରେ ସେମାନଙ୍କୁ ନିୟୋଜିତ ହେବାର ଅଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଦାବି ହେଉଛି। ଏ ନେଇ ସହକାରୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ଡିପିସିଙ୍କ କାର୍ଯ୍ୟାଳୟରୁ କୌଣସି ଚିଠି ଆସିନାହିଁ କି ଆମ ଆକାଉଣ୍ଟରେ ଟଙ୍କା ଜମା ହୋଇନି।



ଶିବିରରେ ଉପସ୍ଥିତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

## ଉଜ୍ଜ୍ୱଳ ତାଲିମ ଶିବିର

**କୋଲନରା, ୨୭।୩(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କୋଲନରା ବ୍ଲକସ୍ଥିତ ବିଆର୍‌ସିସି କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଉଜ୍ଜ୍ୱଳ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ବିଇଓ ଏମ୍.ଖଗେଶ୍ୱର ରାଓ ଏହାର ଉଦ୍‌ଘାଟନ କରିଥିଲେ। ବିଆର୍‌ସିସି ବୃନ୍ଦାବନ ମାରାଣ୍ଡି, ଏବିଇଓ ସୁବୋଧ ବେହେରା, ପ୍ରଶାନ୍ତ କୁମାର ମିଶ୍ର ଉପସ୍ଥିତ ଥିଲେ। ଶିକ୍ଷକ କୃଷ୍ଣ ପ୍ରସାଦ ମିଶ୍ର, ଦୀପକ କୁମାର ସାହୁ, କାମିନୀ ସାହୁ ଓ ଜ୍ଞାନ ରଞ୍ଜନ ମହାପାତ୍ର ତାଲିମ ପ୍ରଦାନ କରୁଛନ୍ତି। ଏହି ଶିବିରରେ ୪୫ଜଣ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ନେଉଛନ୍ତି। ଏହାଛଡ଼ା ଥେରୁବାଲିଠାରେ ମଧ୍ୟ ଆଉ ଏକ ତାଲିମ ଶିବିର ଚାଲିଛି।

# ବିଜେଡିରେ ମିଶିଲେ ବିଭିନ୍ନ ଦଳର ନେତା, କର୍ମୀ

**ଗୁଣପୁର,୨୭।୩(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁରଠାରେ ବୁଧବାର ବିଜେଡିର ଏକ ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସୁଧୀର ଦାସ, ବିଧାୟକ ପ୍ରାର୍ଥୀ ରଘୁନାଥ ଗମାଙ୍ଗ, ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗଙ୍କ ସମେତ ଦେବେନ୍ଦ୍ର ଚୌଧୁରୀ, ବ୍ରହ୍ମାନନ୍ଦ ପଟ୍ଟନାୟକ, ଗଦା ପଣ୍ଡା, ଦେବୀ ଆଚାର୍ଯ୍ୟଙ୍କ ସମେତ ବହୁ ଦଳୀୟ ନେତା ଏବଂ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଅନ୍ୟ ଦଳର କର୍ମୀ ଓ ନେତା ବିଜେଡିରେ ସାମିଲ ହୋଇଥିଲେ। ଚିନାସାରୀ ସରପଞ୍ଚ ତଥା କଂଗ୍ରେସ ନେତା ନାଜିତ ରଇତ



ବିଜେଡି ନେତାଙ୍କ ଗହଣରେ ଦଳରେ ମିଶିଥିବା ନୂତନ କର୍ମୀମାନେ।

ନିଜ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଥିଲେ। ସେହିପରି ଗୁଣପୁର ଟାଉନର କଂଗ୍ରେସର ଏ.ଭାନୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ସୋମନାଥ ଗମାଙ୍ଗ, ପୂର୍ବତନ କାଉନସିଲର ସୁଧାକର ବାଉରି ପ୍ରମୁଖ ମଧ୍ୟ ବିଜେଡିରେ ମିଶିଛନ୍ତି।

## ସଂକ୍ଷେପରେ

### ବିଭିନ୍ନ ପଞ୍ଚାୟତରେ ଘରେଘରେ ଶଙ୍ଖ ଅଭିଯାନ

**ଶେରଗଡ଼,୨୭।୩(ଡି.ଏନ୍.ଏ.):** ଶେରଗଡ଼ ବ୍ଲକ ବିଜେଡ଼ି ପକ୍ଷରୁ ୩ ପଞ୍ଚାୟତରେ ଘରେଘରେ ଶଙ୍ଖ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ନେତା ଓ କର୍ମୀ ଓ ଏକଜୁଟ ହୋଇ କୁଲାଗଡ଼ କାଳୀ ମନ୍ଦିରରୁ ବାହାରି ଘର ଘର ବୁଲି ନବୀନ ସରକାରଙ୍କ ୧୯ ବର୍ଷର ସଫଳ କାହାଣୀ ବଖାଣିଥିଲେ। ପରେ କୁଲାଗଡ ଗ୍ରାମରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧୀ ଶରତ ଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ସଭାରେ ବ୍ଲକ ବିଜେଡି ଶରତ ଚନ୍ଦ୍ର ପାତ୍ର, ଯୁବ ବିଜେଡ଼ି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ହୃଷିକେଶ ପାଢ଼ୀ ପୂର୍ବତନ ବ୍ଲକ ଅଧକ୍ଷ ବାବୁଲା କୁମାର ଚୋଧୁରୀ, ଉଦୟାନାଥ ପ୍ରଧାନ, ହୀନ ବେହେରା, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର ଦୁର୍ଗା ମାଧବ ବିଷୋୟୀ, ଗୌରହରି ବିଷୋୟୀ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହାପରେ ସମସ୍ତ ବିଜେଡ଼ି ନେତାମାନେ ବାଦଗଡ଼, ବନ୍ଧଗୁଡା, ଖ୍ରିଡା, ନୂଆଖ୍ରିଡା, ହଡିଚିରା, ତୁମ୍ବାଦଣ୍ଡପଲୀ ପ୍ରଭୃତି ଗ୍ରାମକୁ ଯାଇ ବିଜେଡି ସରକାରକୁ ଭୋଟ ଦେବାକୁ କହିଥିଲେ।

### କ୍ରୀଡା ପ୍ରତିଭା ଚୟନ

**ଧରାକୋଟ,୨୭।୩(ଡି.ଏନ୍.ଏ.):** ମୁଣ୍ଡମରାଇସ୍ଥିତ ଅନନ୍ତ ନାରାୟଣ ବିଦ୍ୟାପୀଠରେ ମଙ୍ଗଳବାର କ୍ଲଷ୍ଟର ସ୍ତରୀୟ କ୍ରୀଡା ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ସ୍ତରରୁ ଆସିଥିବା ବିଭିନ୍ନ ବିଦ୍ୟାଳୟରୁ କ୍ରୀଡା ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଏହି ଚୟନ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା। କ୍ଲଷ୍ଟର ସ୍ତରର ୫ ଜଣ ପ୍ରତିଯୋଗୀଙ୍କୁ ଜିଲା ସ୍ତରକୁ ମନୋନୀତ କରାଯାଇଥିଲା। ସେମାନେ ହେଲେ- ଆନା ଗମାଙ୍ଗ, ରୋମୀଓ ନାହାକ, ଏ. ଗଙ୍ଗା ରେଡ୍ଡୀ, ଚନ୍ଦନ ଦାସ, ରାହୁଲ ଦାସ। ଏହି କାର୍ଯ୍ୟକ୍ରମକୁ ସ୍କୁଲର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ନାୟକ ପରିଚାଳନା କରିଥିଲେ। କ୍ଲଷ୍ଟରର ସମସ୍ତ କ୍ରିଡା ଶିକ୍ଷକ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ ପ୍ରଦାନ କରିଥିଲେ।

### ଜେଲ ଗଲେ ବଳାତ୍କାରୀ

**ବ୍ରହ୍ମପୁର ଅଫିସ,୨୭।୩:** ଜନୈକା ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ବୁଧବାର ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ଆଙ୍ଗୁଲି ମାଳିସାହିର କାଳିଆ ଚର୍ଚ୍ଚି (୨୫) ବୋଲି ପୋଲିସ କହିଛି। ନଂ. ୬୨/୧୯ରେ ମାମଲା ରୁଜୁ ପରେ ତାଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ କାଳିଆଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ସାରଦା ପ୍ରସାଦ ଦାସ କହିଛନ୍ତି। ପ୍ରକାଶ ଯେ, ଗତ ୨୨ ତାରିଖ ରାତି ପ୍ରାୟ ୧୧ଟା ବେଳେ ନାବାଳିକା ଜଣକ ଘରେ ଥିବା ବେଳେ କାଳିଆ କୌଶଳକ୍ରମେ ସେଠାରେ ପହଞ୍ଚି ନାବାଳିକାଙ୍କ ପାଟିକୁ କପଡ଼ାରେ ଜାବୁଡ଼ି ଧରି ଅପହରଣ କରି ନେବାପରେ ବଳାତ୍କାର କରିଥିବା ନେଇ ପୀଡ଼ିତା ଥାନାରେ ଅଭିଯୋଗ କରିଥିଲେ ।

■ ମହାନଗରରେ ସାଇବର ଅପରାଧୀ

# ଲୁଟୁଛନ୍ତି ଲକ୍ଷ ଲକ୍ଷ ଟଙ୍କା

**ବ୍ରହ୍ମପୁର ଅଫିସ,୨୭।୩**

■ଜାଲରେ ପଡ଼ିଲେ ଖବରଦାତା
■ଗାର୍ଡବିହୀନ ଏଟିଏମ୍‌ରେ ଲାଗୁଛି ସ୍କିମର
■ଟଙ୍କା ଉଠାଣ ପୂର୍ବରୁ କ୍ୟାନଶଲ ବଟମ୍ ମାରିବା ଦରକାର

ପାଠ ପଢ଼ି ବେକାର ରହୁଥିବା ଛାତ୍ରଗୋଷ୍ଠୀ ଏବେ ବିଭିନ୍ନ ସାଇବର ଠକେଇର ତରିକା ନେଉଛନ୍ତି। ପୋଲିସ ନୂଆ ପଦକ୍ଷେପ ନେଉଥିବା ବେଳେ ଠକ ଗ୍ୟାଙ୍ଗ ତା'ଠାରୁ ଅଧିକ ଚତୁରତାର ସହ ଟାର୍ଗେଟ କରୁଛନ୍ତି। ଏବେ ନୂଆ ତରିକାରେ ଅପରାଧୀମାନେ ଅପରାଧ କରିବାରେ ଲାଗିଥିବା ବେଳେ ପୋଲିସ ସେମାନଙ୍କୁ ଧରିବାରେ ବିଫଳ ହେଉଛି। ଗ୍ୟାଙ୍ଗ ରିଙ୍ଗ୍‌ଲିଡର ଘରେ ବସି ଅନ୍‌ଲାଇନ ବ୍ୟାଙ୍କିଙ୍ଗ୍ ଜରିଆରେ ଗ୍ରାହକଙ୍କ ଟଙ୍କା ଉଠାଇ ନେଉଛନ୍ତି। ଏବେ ମହାନଗରରେ ଏଭଳି ସାଇବର ଅପରାଧ ଦିନକୁ ଦିନ ବଢ଼ିବାରେ ଲାଗିଛି। ଛାତ୍ର, ଶିକ୍ଷକ, ଡ଼ାକ୍ତର, ପୋଲିସ ଏପରିକି ସାଧାରଣ ଲୋକ ଏଟିଏମ୍ କାଉଣ୍ଟରରେ ଲାଗିଥିବା ସ୍କିମର ଓ କ୍ୟାମେରା ଜାଲରେ ଫସି ଯାଉଛନ୍ତି। ଏହି ଧାରାରେ ଜଣେ ଖବରଦାତା ମଧ ସ୍କିମର ଶିକାର ହୋଇଛନ୍ତି। ସେ କିଛି ବୁଝିବା ପୂର୍ବରୁ ତାଙ୍କ ଆକାଉଣ୍ଟରୁ ୯୦ ହଜାର ଟଙ୍କା ଗାଏବ ହୋଇଯାଇଥିଲା। ସେନେଇ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୫୧/୧୯ରେ ମାମଲା ରୁଜୁ କରି ଏଟିଏମ୍‌ରେ ଲାଗିଥିବା କ୍ୟାମେରା ଫୁଟେଜ୍ ସଂଗ୍ରହ କରି ତଦନ୍ତ ଜାରି ରଖିଛି।

ପ୍ରକାଶ ଯେ, ଖବରଦାତା ଜଣକ ଗତ ୨୧ ତାରିଖରେ ସୁବାରାଓ ଛକ ଏସ୍‌ବିଆଇ ଏଟିଏମ କାଉଣ୍ଟରକୁ ଟଙ୍କା ଉଠାଇବା ପାଇଁ ଯାଇଥିଲେ। ଟ୍ରାଞ୍ଜାକ୍ସନ ହୋଇ ନ ଥିବା ସ୍କ୍ରିନରେ ଦେଖାଇଥିଲା । ସେ ଘରକୁ ଫେରି ଆସିଥିବା ବେଳେ ୨୩ ତାରିଖରେ ଲଗାତର ଭାବେ ତାଙ୍କ ଆକାଉଣ୍ଟରୁ ୧୦ ହଜାର ଟଙ୍କା ଲେଖାଏ ଟ୍ରାଞ୍ଜାକସନ୍ ହୋଇ ୯୦ ହଜାର ଟଙ୍କା ଗାଏବ ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ । ଠକମାନେ ଏକ ନୂଆ ତରିକା ଆପଣେଇଛନ୍ତି। ଏଟିଏମ୍ କାର୍ଡ ସ୍ୱାଇପ୍ କରିବା ଜାଗାରେ ଏହା ଅଦୃଶ୍ୟ ସ୍ଥାନରେ ସ୍କିମର ଖଞ୍ଜାଯାଉଛି। ଫଳରେ ଗ୍ରାହକଙ୍କ ସମସ୍ତ ତଥ୍ୟ ସ୍କିମର ଚୋରାଇ ନେଉଛି। ଅପରାଧୀମାନେ ସେହି ସ୍କିମର ଜରିଆରେ ସେମାନଙ୍କ ଠକେଇ ଧାରା ଜାରି ରଖିଛନ୍ତି। ଅନେକେ ଏବେ ଏହି ସ୍କିମର ଜାଲରେ ଫସି ଯାଉଛନ୍ତି । ନିକଟରେ ଜଣେ ବିଦେଶିନୀ ଜନୈକ ବ୍ୟବସାୟୀଙ୍କୁ ଫସାଇ ୩ ଲକ୍ଷ ୭୦ ହଜାର ଟଙ୍କା ଠକି ନେଇଥିବା ନେଇ ସାଇବର ଥାନାରେ ଅଭିଯୋଗ ହୋଇଛି। ଯାହାକି ଏବେ ପୋଲିସର ମୁଣ୍ଡବ୍ୟଥାର କାରଣ ସାଜିଛି। ଏଟିଏମ୍‌ରୁ ସ୍କିମର ତଥ୍ୟ ଚୋରି କରୁଛି ଓ ଅନ୍ୟପଟେ ମାଷ୍ଟର ମାଇଣ୍ଡ ଘରେ ବସି କ୍ଲନ୍ କାର୍ଡ ଜରିଆରେ ଗ୍ରାହକଙ୍କ ଟଙ୍କା ଲୁଟିବାରେ ଲାଗିଛନ୍ତି। ଏଭଳି ଭାବେ ସାଇବର ଅପରାଧ ଦିନକୁ ଦିନ ବ୍ରହ୍ମପୁର ସହର ତଥା ଜିଲାରେ ତାର କାୟାବିସ୍ତାର କରିବାରେ ଲାଗିଛି

ଗଞ୍ଜାମ ଜିଲାରେ ଏବେ ବାରମ୍ବାର ଏଭଳି ଘଟଣା ଘଟୁଛି । ଗ୍ରାହକଙ୍କ ଅଜାଣତରେ ଅନ୍ୟ କେହି ଜଣେ ଟଙ୍କା ଉଠାଣ କରୁଛନ୍ତି । ଏହାକୁ ନେଇ ଏବେ ଚିନ୍ତାରେ ଗ୍ରାହକମାନେ ପଡ଼ିଯାଇଛନ୍ତି । ଗ୍ରାହକଙ୍କୁ ସତର୍କ ରହିବା ପାଇଁ ବ୍ୟାଙ୍କ ଓ ପୋଲିସ ତରଫରୁ କୁହାଯାଉଛି । କାର୍ଡ ବ୍ୟବହାର କରିବା ପୂର୍ବରୁ ଏଟିଏମ୍ କ୍ୟାନସେଲ ବଟନକୁ ୪/୫ ଥର ଦବାଇବାକୁ ହେବ । କାର୍ଡ ଭର୍ତ୍ତି କରିବା ସହ ଗୁପ୍ତ ପିନ କୋଡ ନମ୍ବର ମାରିବା ବେଳେ ହାତ ଉପରେ ଅନ୍ୟ ଏକ ହାତ ଘୋଡ଼ାଇ ନମ୍ବରଗୁଡ଼ିକୁ ଦବାଇବା ଆବଶ୍ୟକ ବୋଲି ସାଇବର ଥାନାଧିକାରୀ କଳ୍ପନା କାଉଁରୀ ସୂଚନା ଦେଇଛନ୍ତି । ତଥ୍ୟ ହ୍ୟାକ୍ ପାଇଁ ଯଦି କିଛି ପ୍ରୋଗ୍ରାମିଂ କରାଯାଇଥିବ ତେବେ ଏଟିଏମ୍ କାର୍ଡ ସ୍ୱାଇପ୍ କରିବା ପୂର୍ବରୁ କ୍ୟାନସେଲ ବଟନକୁ ବାରମ୍ବାର ଦବାଇବା ପରେ କାର୍ଡସ୍ୱାଇପ୍ କଲେ ତାହା କ୍ୟାନସେଲ ହୋଇଯିବ ବୋଲି ସେ କହିଛନ୍ତି ।

ମିଳିଥିବା ସୂଚନାନୁସାରେ, ବ୍ରହ୍ମପୁର ସାଇବର ଥାନାରେ ୨୦୧୮ରେ ୧୪ଟି ବିଭିନ୍ନ ମାମଲା ରୁଜୁ ହୋଇଥିବା ବେଳେ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ୯ ମାମଲା ରୁଜୁ ହୋଇସାରିଲାଣି। ସେହିପରି ଅନ୍ୟ ଥାନାଗୁଡ଼ିକରେ ମଧ ଏଭଳି ଠକେଇ ମାମଲା ରୁଜୁ ହୋଇଛି। ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିଲେ ସାଇବର ଥାନାରେ ମାମଲା ରୁଜୁ ହୋଇପାରିବ ବୋଲି ଜଣାପଡ଼ିଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟେଁ ଟେଁୟା ସାରୀ**
**ଚିକ୍କଣିଆ ଭଣ୍ଡାରି**
**ଚାହିଁ ଜଳକୀ ବିଟପୀ ନାରୀ**
**ସଖୀ ବଡ଼ ମନ୍ଦ ଏ ।**

ଅହରହ ରାବ କରୁଥିବା ସାରୀକୁ କେହି ଆଦର କରି ନ ଥାନ୍ତି। ଚିକ୍କଣିଆ କଥା କହୁଥିବା ବ୍ୟକ୍ତି କେବେ ବି ବିଶ୍ୱାସ ବା ଭରସାଯୋଗ୍ୟ ହୋଇପାରି ନ ଥାନ୍ତି। ସେହିପରି ବ୍ୟଭିଚାରିଣୀ ନାରୀକୁ କେହି ସାଦରେ ଗ୍ରହଣ କରି ନ ଥାନ୍ତି। ଏମାନେ ସମସ୍ତେ ଖରାପ ସ୍ୱଭାବର ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଡେଇଁ ଡେଇଁ ଗଲା ଧଣ୍ଡ**
**ଡାମରା କାଉକୁ ଓଡ଼ଣା ପଡୁଛି**
**ଢମକୁ ହଲାଉ ମୁଣ୍ଡ ।**

ଧଣ୍ଡସାପ ବିଷହୀନ। ଡାମରା କାଉ ଦେଖିଦେଲେ କାଳେ ଖୁମ୍ପି ଦେବ ସେହି ଭୟରେ ସେ ଲୁଚିଯିବାକୁ ଶ୍ରେୟ ମଣିଥାଏ। ଡାମରା କାଉର ଆଡୁଆଳରେ ରହି ବର୍ତ୍ତିଯାଇଥିବା ଧଣ୍ଡସାପ ନିଜକୁ ବଡ଼ ବୋଲି ଦେଖାଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ ବରଂ ଏହା ତା'ର ନିର୍ବୋଧତା ବୋଲି ବୁଝାପଡ଼ିଥାଏ। ସବଳ ବ୍ୟକ୍ତିର ଅଲକ୍ଷ୍ୟରେ ଦୁର୍ବଳ ବ୍ୟକ୍ତି ନିଜ ଅହଙ୍କାର ପଣିଆ ଦେଖେଇହେବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ




ଗଞ୍ଜାମ ଜିଲା ମହିଳା ବିଜେଡି ପକ୍ଷରୁ ଘରେ ଶଙ୍ଖ କାର୍ଯ୍ୟକ୍ରମ ଶେଷ ହୋଇଛି । ଲୋକଙ୍କ ମତାମତ ସଂଗ୍ରହ କରି ନିର୍ବାଚନ ଇସ୍ତାହାରରେ ଯୋଡ଼ିବା ପାଇଁ ରାଜ୍ୟ ବିଜେଡି କାର୍ଯ୍ୟାଳୟକୁ ପଠାଯାଉଛି । (ଫଟୋ-ସମୀର)

### ମନ୍ଦିର ପ୍ରତିଷ୍ଠା ଓ ନାମଯଜ୍ଞ

**ବୁଗୁଡ଼ା,୨୭।୩(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ବିରଞ୍ଚିପୁର ପଞ୍ଚାୟତ ରାମଚନ୍ଦ୍ରପୁର ଠାରେ ବୁଧବାର ମା' କାଆଁଣ୍ଡେଇ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ସହ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଯଜ୍ଞ ସାଙ୍ଗକୁ ଘୃତଯଜ୍ଞ ଓ ଅନ୍ନଯଜ୍ଞ ମଧ ଅନୁଷ୍ଠିତ ହୋଇଯାଇଛି। ରାମଚନ୍ଦ୍ରପୁର ଗ୍ରାମବାସୀଙ୍କ ଉଦ୍ୟମ ଓ ବରଡ଼ିପଲ୍ଲୀ, ଆଦିପୁର ଗ୍ରାମବାସୀଙ୍କ ସହଯୋଗରେ ମା' ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ସହ ସେଠାରେ ଠାକୁରାଣୀଙ୍କୁ ଉପବେଶନ କରାଯାଇଛି। ଏନେଇ ହୋଇଥିବା ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଯଜ୍ଞରେ ଆଦିପୁର, ବରଡ଼ିପଲ୍ଲୀ, ରାମଚନ୍ଦ୍ରପୁର ଓ ଗୋଳାବନ୍ଧର ନାମ ସଂକୀର୍ତ୍ତନ ଦଳମାନେ ଭାଗ ନେଇଥିଲେ।

## ଦିବ୍ୟାଙ୍ଗ ଭୋଟର ମତଦାନରେ ସାମିଲ ପାଇଁ ବୈଠକ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

**ଡାବୁଗାଁ, ୨୬।୩ (ଡି.ଏନ.ଏ.)** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ଦିବ୍ୟାଙ୍ଗ ଭୋଟର ନିର୍ବାଚନରେ ଅଂଶଗ୍ରହଣ ନିମନ୍ତେ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରଞ୍ଜିତାମେରୀ ନାୟକ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ଯୋଗ ଦେଇ ଚଳିତ ନିର୍ବାଚନରେ ଦିବ୍ୟାଙ୍ଗ ଭୋଟରମାନେ ଯେପରି ମତଦାନରୁ ବଞ୍ଚିତ ନହେବେ ସେଥିପାଇଁ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ନିର୍ବାଚନ କମିଶନଙ୍କ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମତଦାନ ଦିନ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ବୁଥଗୁଡିକରେ ହୁଇଲ ଚେୟାର ଓ ଦିବ୍ୟାଙ୍ଗ ଭୋଟରଙ୍କୁ ସହାୟତା ପାଇଁ ୧୪ରୁ ୧୮ ବର୍ଷ ବୟସ ମଧ୍ୟରେ ଛାତ୍ର ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରିବେ, ଦିବ୍ୟାଙ୍ଗ ଭୋଟରଙ୍କୁ ନେବା ଆଣିବା ବ୍ୟବସ୍ଥା ମଧ କରାଯାଇଛି। ଶତପ୍ରତିଶତ ଦିବ୍ୟାଙ୍ଗ ଭୋଟର ନିର୍ବାଚନରେ ଅଂଶ ଗ୍ରହଣ କରି ମତଦାନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହା ସହ ମତଦାନ ଦିନ ବୁଥରେ ବୁଥ ସ୍ତରୀୟ ଅଧିକାରୀଙ୍କ କାର୍ଯ୍ୟ ଉପରେ ଅଧିକାରୀଙ୍କୁ ବୁଝାଯାଇଥିଲା । ଡାବୁଗାଁ ବ୍ଲକ ଅଧୀନ ଅଞ୍ଚଳା, ଘୋଡାଖୁଣ୍ଟା, ଜବାଗୁଡା, କୋଇଲାରୀ ଓ ଡାବୁଗାଁ ମଧ ଇଂରାଜୀ ବିଦ୍ୟାଳୟ ଭଳି ୫ଟି ବୁଥକୁ ମଡେଲ ବୁଥ ଭାବେ କରାଯାଇଛି ବୋଲି ଡାବୁଗାଁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦ୍ମନାଭ ତ୍ରିପାଠୀ ସୂଚନା ଦେଇଥିଲେ। ଏହି ସଚେତନତା ବୈଠକରେ ବ୍ଲକ ଅଧୀନ ୫୪ ଜଣ ବୁଥ ସ୍ତରୀୟ ଅଧିକାରୀ ଓ ଦିବ୍ୟାଙ୍ଗ ଭୋଟର ମାନେ ଉପସ୍ଥିତ ଥିଲେ । ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମହେଶ୍ୱର ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରଦୂଷଣ ମଧ୍ୟରେ ବାଲିଗୁଡ଼ା ସହର

**ବାଲିଗୁଡ଼ା, ୨୭।୩(ଡି.ଏନ୍.ଏ.)**

ବାଲିଗୁଡ଼ା ତଥା ଏହାର ଆଖପାଖ ଅଞ୍ଚଳରେ ଦିନକୁ ଦିନ ଯାନବାହନ ସଂଖ୍ୟା ବଢୁଥିବାରୁ ପ୍ରଦୂଷଣର ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ସହରରେ ଯାତାୟାତ କରୁଥିବା ବିଭିନ୍ନ ଯାନବାହାନରୁ ଉତ୍ପନ୍ନ ଅଙ୍ଗାରକାମ୍ଳ ଗ୍ୟାସ ବାୟୁ ପ୍ରଦୂଷଣର କାରଣ ପାଲଟିଛି। ଏତଦ୍ ବ୍ୟତୀତ ଡିଜେ ଶବ୍ଦ ମଧ ପ୍ରଦୂଷଣକୁ ଅଧିକ ଉତ୍ସାହିତ କରୁଛି। ଉଭୟ ବାୟୁ ଓ ଶବ୍ଦ ପ୍ରଦୂଷଣ ସମଗ୍ର ଜୀବଜଗତ ପାଇଁ ଅହେତୁମ କ୍ଷତି ଘଟାଇଥାଏ। ବର୍ତ୍ତମାନ ସହରର ଅନେକ ସ୍ଥାନରେ ପାନୀୟ ଜଳର ସଙ୍କଟ ଦେଖିବାକୁ ମିଳିଛି। ପ୍ରକୃତିର ମହାଦାନ, ଜଙ୍ଗଲର ଦ୍ରୁତ ଅବକ୍ଷୟ ସହ ଜନସଂଖ୍ୟାର ବୃଦ୍ଧି ସମଗ୍ର ଜୀବଜଗତ ଉପରେ ପରୋକ୍ଷ ଓ ପ୍ରତ୍ୟକ୍ଷରେ କୁପ୍ରଭାବ ପକାଇଥାଏ। ଏଣୁ ଜଙ୍ଗଲ, ଜନ୍ତୁଙ୍କର ସୁରକ୍ଷା ପାଇଁ ଆମେ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି କନ୍ଧମାଳ ଜନସୁରକ୍ଷା ମଞ୍ଚର ଆବାହକ ଉଦୟନାଥ ପଣ୍ଡା କହିଛନ୍ତି। ପିଲିଥିନର ବ୍ୟବହାରକୁ ସମ୍ପୂର୍ଣ୍ଣ ମାତ୍ରାରେ କମାଇବା ସହ ସବୁଜ ପୃଥିବୀ ଗଠନ ପାଇଁ ମଧ ପଣ୍ଡା ଆହ୍ୱାନ ଦେବା ସହ ବାଲିଗୁଡ଼ାକୁ ସୁନ୍ଦର ଓ ସବୁଜ କରି ଗଢ଼ି ତୋଳିବା ପାଇଁ ନିବେଦନ କରିଛନ୍ତି।



ବାଲିଗୁଡ଼ା ସହର।

■ ସହରର ସମସ୍ତ ପ୍ରବେଶପଥରେ ନାକାବନ୍ଦୀ

# ମାର୍ଚ୍ଚ ୮ ଯାଏ ପୋଲିସର ଫ୍ଲାଗମାର୍ଚ୍ଚ

**ବ୍ରହ୍ମପୁର ଅଫିସ,୨୭।୩**

ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ସରିଛି। ଆସନ୍ତା ୧୧ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଶାନ୍ତିଶୃଙ୍ଖଳା ଓ ଅବାଧ ନିର୍ବାଚନ ପାଇଁ ପୋଲିସ ପ୍ରଶାସନ ପ୍ରସ୍ତୁତ ରହିଛି। ବୁଧବାର ଅପରାହ୍ନରେ ମହାନଗରରେ ଥିବା ବଡ଼ବଜାର ଥାନା, ଟାଉନ ଥାନା, ଗୋଷାଣୀ ନୂଆଗାଁ ଥାନା ଓ ବୈଦ୍ୟନାଥପୁର ଥାନାର ବିଭିନ୍ନ ଅଞ୍ଚଳରେ ପାରା ମିଲିଟାରୀ ଫୋର୍ସ ଓ ପୋଲିସର ମିଳିତ ଫ୍ଲାଗମାର୍ଚ୍ଚ କରାଯାଇଛି। ପରେ ଲାଞ୍ଜିପଲ୍ଲୀ ଓଭରବ୍ରିଜ ଜାତୀୟ ରାଜପଥରେ ବୈଦ୍ୟନାଥପୁର ଥାନାଧିକାରୀ ସାରଦା ପ୍ରସାଦ ଦାସ ଲାଞ୍ଜିପଲ୍ଲୀ ଫାଣ୍ଡି ଅଧିକାରୀ ନାରାୟଣ ସ୍ୱାଇଁଙ୍କ ସମେତ ପାରା ମିଲିଟାରୀ ଫୋର୍ସ ତରଫରୁ ମିଳିତ ନାକାବନ୍ଦୀ କରାଯାଇଛି । ସେଠାରେ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ସହର ବାହାରକୁ ଓ ସହର ଭିତରକୁ ପ୍ରବେଶ କରୁଥିବା ସମସ୍ତ ଯାନବାହନକୁ ଯାଞ୍ଚ କରାଯାଇଛି। ୨ ଚକିଆ ଯାନ ଠାରୁ ଆରମ୍ଭ କରି କାର ଓ ଯାତ୍ରୀବାହୀ ବସ୍‌ଗୁଡ଼ିକୁ ମଧ ଯାଞ୍ଚ କରାଯାଇଥିବା ଦାସ ସୂଚନା ଦେଇଛନ୍ତି । ସେହିପରି ଗୋଷାଣୀନୂଆଗାଁ, ପୋଲିସ ଓ ପାରାମିଲିଟାରୀ ଫୋର୍ସ ହଳଦିଆପଦର ଓଭରବ୍ରିଜ ପ୍ରବେଶ ପଥରେ ନାକାବନ୍ଦୀ କରାଯାଇଛି। ସମସ୍ତ ଯାନବାହନକୁ କଡ଼ାକଡ଼ି ଭାବେ ଯାଞ୍ଚ କରାଯାଇଛି । ସେହିପରି ସଦର ଥାନା ପୋଲିସ ପକ୍ଷରୁ ମଧ ନାକାବନ୍ଦୀ କଡ଼ାକଡ଼ି କରାଯାଇଛି। ଆସନ୍ତା ୮ ତାରିଖ ଯାଏ ସମସ୍ତ ପ୍ରବେଶ ପଥ ସିଲ କରାଯାଇ ଯାଞ୍ଚ କଡ଼ାକଡ଼ି ହେବ । ଏହା ସହିତ ସହରର ବିଭିନ୍ନ ସମ୍ବେଦନଶୀଳ ସାହିଗୁଡ଼ିକରେ ମଧ ଫ୍ଲାଗମାର୍ଚ୍ଚ କଡ଼ାକଡ଼ି କରାଯିବ ବୋଲି ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି ।




ଲାଞ୍ଜିପଲ୍ଲୀ ଓଭରବ୍ରିଜ୍ ଜାତୀୟ ରାଜପଥରେ ପୋଲିସ ଓ ପାରା ମିଲିଟାରୀ ଫୋର୍ସ ପକ୍ଷରୁ ଗାଡ଼ି ଯାଞ୍ଚ କରାଯାଉଛି ।

# ବିଜେଡିର ୫ ବିଧାୟକ, ଜଣେ ଏମ୍‌ପିଙ୍କ କଟିଛି ଟିକେଟ

**ବ୍ରହ୍ମପୁର ଅଫିସ,୨୭।୩**

**ଗଞ୍ଜାମ ଜିଲା**
■ଦଳ ବଦଳକାରୀଙ୍କୁ କରାଯାଇଛି ପ୍ରାର୍ଥୀ
■କାଲ ହେବେ ମାଳ ମାଳ ବିଦ୍ରୋହୀ

ଚଳିତ ବର୍ଷର ନିର୍ବାଚନରେ ପୁଣି ଟିକେଟ ପାଇବାର ଆଶା ରଖିଥିଲେ ଗଞ୍ଜାମ ଜିଲାର ୫ ବିଜେଡି ବିଧାୟକ ଓ ବ୍ରହ୍ମପୁର ଲୋକ ସଭା ଏମ୍‌ପି ସିଦ୍ଧାନ୍ତ ମହାପାତ୍ର । ହେଲେ ସେମାନଙ୍କୁ ମିଳିଲା ନାହିଁ ଟିକେଟ।

ସୂଚନାଯୋଗ୍ୟ, ଜିଲାର ୧୩ ବିଧାନସଭା କ୍ଷେତ୍ରରେ ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀମାନେ ବିଜୟବାନା ଉଡ଼ାଇଥିଲେ । ବିରୋଧୀ କଂଗ୍ରେସ, ଭାଜପା ଓ ବାମପନ୍ଥୀ ଦଳ ମୂଳପୋଛ ହୋଇଯାଇଥିଲେ । ଦୁଇଟିଯାକ ଲୋକ ସଭା ଆସନରେ ମଧ ବିଜେଡି ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ। ମାସକ ପୂର୍ବରୁ ଆସିକା ଏମ୍‌ପି ଲଡୁ କିଶୋର ସ୍ୱାଇଁ ଆରପାରିକୁ ଚାଲି ଯାଇଥିଲେ । ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ତୃତୀୟଥର ଟିକେଟ ପାଇ ହାଟ୍ରିକ ଅର୍ଜନ କରିବାର ସ୍ୱପ୍ନ ଦେଖିଥିଲେ। ତେବେ ବିଜେଡି ଟିକେଟ ନ ଦେବାରୁ ତାଙ୍କ ସ୍ୱପ୍ନ ସାକାର ହୋଇପାରିଲା ନାହିଁ।

ଛାତ୍ର ଜୀବନରୁ କଂଗ୍ରେସ ରାଜନୀତିରେ ଥିବା ଚନ୍ଦ୍ରଶେଖର ସାହୁ ୨୦୧୮ ଏପ୍ରିଲ ୪ରେ ଦଳବଦଳ କରି ବିଜେଡିରେ ଯୋଗ ଦେଇଥିଲେ । ବିଜେଡି ସୁପ୍ରିମୋ ସାହୁଙ୍କୁ ଗୁରୁତ୍ୱ ଦେଇ ତାଙ୍କୁ ବ୍ରହ୍ମପୁର ଲୋକ ସଭା ଆସନରେ ପ୍ରାର୍ଥୀ କଲେ । ଏହା ସିଦ୍ଧାନ୍ତଙ୍କୁ ବାଧିଲା ବୋଲି ଆଲୋଚନା ହେଉଛି। ତେଣୁ ଟିକେଟ ବଣ୍ଟନ ପ୍ରକ୍ରିୟାଠାରୁ ମହାପାତ୍ର ଅଦୃଶ୍ୟ ହୋଇଯାଇଛନ୍ତି । ଦଳ କାର୍ଯ୍ୟକ୍ରମରେ ସାମିଲ ହେଉନାହାନ୍ତି । ୨୦୦୯ ଓ ୨୦୧୪ ନିର୍ବାଚନରେ ସିଦ୍ଧାନ୍ତ ଲଗାତର ଦୁଇଥର ଏମ୍‌ପି ହୋଇଥିଲେ। ଅପରପକ୍ଷେ ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଲଗାତର ୧୦ ଥର ବିଧାୟିକା ହୋଇଥିବା ଭି. ସୁଜ୍ଞାନ କୁମାରୀ ଦେଓଙ୍କୁ ମଧ ଏଥରେ ପ୍ରାର୍ଥୀ କରିନାହିଁ ବିଜେଡି । ଏହା ଜିଲା ରାଜନୀତିରେ ବେଶ ଚର୍ଚ୍ଚା ହୋଇଥିଲା । ସେ ଚୁପ୍ ରହିଥିଲେ ମଧ ତାଙ୍କ ଅନୁଗାମୀ ଓ ଜିଲା ବିଜେଡି ଉପସଭାପତି ଅରୁଣ କୁମାର ପଣ୍ଡା ସୁଜ୍ଞାନଙ୍କ ବହୁ ସମର୍ଥକଙ୍କ ସହିତ ଭାଜପାରେ ଯୋଗ ଦେଇଛନ୍ତି । ଫଳରେ ଚଳିତ ନିର୍ବାଚନରେ ନୂଆ ବିଜେଡି ପ୍ରାର୍ଥୀଙ୍କୁ ଅଡୁଆ ହେବାର ବିଭିନ୍ନ ମହଲ ଚର୍ଚ୍ଚା ହେଉଛି । ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ଆସନରେ ବିଜେଡିର ଦୁଇ ମହିଳା ପ୍ରାର୍ଥୀ ହୋଇଛନ୍ତି ।

ସେହିପରି ବ୍ରହ୍ମପୁର ସେଗମେଣ୍ଟରୁ ୫ ଥର ବିଧାୟକ ହୋଇଥିବା ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ବିଜେଡି ଟିକେଟରୁ ବଞ୍ଚିତ ହୋଇଛନ୍ତି । ୨୦୦୦ରୁ ୨୦୧୪ ଯାଏ ହୋଇଥିବା ୪ ନିର୍ବାଚନରେ ଚ୍ୟାଉ ପଟ୍ଟନାୟକଙ୍କ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱୀ ବିକ୍ରମ ପଣ୍ଡା ମଧ ଏଆଇସିସି ସଭ୍ୟ ପଦରୁ ଇସ୍ତଫା ଦେଇ ଗତବର୍ଷ ବିଜେଡିରେ ସାମିଲ ହୋଇଥିଲେ । ସେ ଏବେ ବ୍ରହ୍ମପୁର ଆସନରୁ ବିଜେଡି ପ୍ରାର୍ଥୀ ହୋଇଛନ୍ତି । ଏଥିଯୋଗୁ ଚ୍ୟାଉ ପଟ୍ଟନାୟକ ଓ ତାଙ୍କ ଅନୁଗାମୀମାନେ ଅସନ୍ତୁଷ୍ଟ ହୋଇଛନ୍ତି । ବିଦ୍ରୋହୀ ସାଜିବା ପରେ ଦଳ ସୁପ୍ରିମୋ ତାଙ୍କୁ ଭବିଷ୍ୟତ ଲୋଭ ଦେଖାଇଛନ୍ତି । ବିକ୍ରମ ଓ ଚନ୍ଦ୍ରଶେଖରଙ୍କ ନିର୍ବାଚନୀ ପ୍ରଚାର ପାଇଁ ମୁଖ୍ୟ କରାଯାଇଛି ।

ଆସିକା ବିଧାୟକ ଦେବରାଜ ମହାନ୍ତିଙ୍କ ବିଜେଡି ଟିକେଟ କଟିବାରୁ ସେ ଭାଜପାରେ ଯୋଗଦେଇ ପ୍ରାର୍ଥୀ ମଧ ହୋଇଛନ୍ତି । ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଟିକେଟ କଟିଛି । ସେ ଖୋଲାଖୋଲି ବିଦ୍ରୋହୀ ହୋଇ ନ ଥିଲେ ମଧ ଅସନ୍ତୁଷ୍ଟ ଅଛନ୍ତି । ଛତ୍ରପୁର ବିଧାୟକ ପ୍ରିୟାଂଶୁ ପ୍ରଧାନ ମଧ ବିଜେଡି ଟିକେଟରୁ ବଞ୍ଚିତ ହୋଇଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରା ଟିକେଟ ପାଇଛନ୍ତି। ୫ ବିଧାୟକଙ୍କର ଟିକେଟ କଟିବା ଦ୍ୱାରା ସେମାନଙ୍କ ନିର୍ବାଚନ ମଣ୍ଡଳୀରେ ସମସ୍ୟା ଦେଖାଦେବା ଆଲୋଚନା ହେଉଛି । ମାଳ ମାଳ ବିଦ୍ରୋହୀଙ୍କ ଯୋଗୁ ନୂଆ ପ୍ରାର୍ଥୀଙ୍କୁ କାଳ ହେବାର ରାଜନୈତିକ ବିଶ୍ଳେଷକ ଚର୍ଚ୍ଚା କରୁଛନ୍ତି ।

ଧରିତ୍ରୀ
DHARITRI
ରାୟଗଡା, ଗୁରୁବାର, ୨୮ ମାର୍ଚ୍ଚ, ୨୦୧୯



## ସଂକ୍ଷେପରେ

### ବାଇକରୁ ପଡି ଯୁବକଙ୍କ ମୃତ୍ୟୁ

ଧୋଡ୍ରା,୨୭।୩(ଡି.ଏନ.ଏ)-ନବରଙ୍ଗପୁର ଜିଲା ଝରିଗାଁ ବ୍ଲକର ଧୋଡ୍ରାଠାରୁ ମହଲିକୁ ସଂଯୋଗ କରୁଥିବା ରାସ୍ତାରେ ମଙ୍ଗଳବାର ରାତିରେ ବାଇକରୁ ଖସି ପଡି ରତି ମାଝିଙ୍କ ମୃତ୍ୟୁ ଘଟିଛି। ଧୋଡ୍ରା ଗ୍ରାମର ରତି ମହଲି ଗ୍ରାମକୁ ଏକ ବିବାହ ଭୋଜିରେ ଯୋଗ ଦେବାକୁ ଯାଇଥିଲେ। ବିଳମ୍ବିତ ରାତିରେ ବାଇକରେ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡରେ ପଡିଯାଇଥିଲେ। ରତିଙ୍କ ମୁଣ୍ଡରେ ଆଘାତ ଲାଗିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସକାଳେ ରାସ୍ତାରେ ଯାଉଥିବା ବେଳେ ଲୋକମାନେ ଦେଖି ରତିଙ୍କ ପରିବାକୁ ଖବର ଦେଇଥିଲେ। ଉମରକୋଟ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି।

### ଦଳ ଛାଡିଲେ ଜିଲା ବିଜେଡି ଉପସଭାପତି



ନବରଙ୍ଗପୁର,୨୭।୩(ବି.ପ୍ର.)- ଜିଲା ବିଜେଡି ଉପସଭାପତି ତଥା ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ଭାଗିରଥି ନାୟକ ପଦବୀ ଓ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ତାଙ୍କୁ ଅଣଦେଖା କରାଯାଉଥିବାରୁ ସେ ଅସନ୍ତୁଷ୍ଟ ହୋଇ ଦଳ ଛାଡିଥିବା ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

### ଦିବ୍ୟାଙ୍ଗଙ୍କ ମତଦାନ ନେଇ ସଚେତନତା

ପାପଡାହାଣ୍ଡି, ୨୭।୩(ଡି.ଏନ.ଏ)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ଦିବ୍ୟାଙ୍ଗଙ୍କୁ ମତଦାନ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡ଼ିଓ ରଂଜିତା ମଲ୍ଲିକଙ୍କ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପିଏ ଆଇଟିଡିଏ ଅଣାକାର ଠାକୁର, ଡିଡବ୍ଲୁଓ ପବିତ୍ର ମୋହନ ପ୍ରଧାନ, ବିଏସଏସଓ ନଗେନ୍ଦ୍ର ପଟ୍ଟନାୟକ, ଏବିଡିଓ ବିଶ୍ୱନାଥ ରାଉତ ପ୍ରମୁଖ ଯୋଗଦେଇଥିଲେ । ଦିବ୍ୟାଙ୍ଗମାନେ ଯେପରି ନିର୍ବାଚନରୁ ବଞ୍ଚିତ ନ ହେବେ ସେ ନେଇ ଆଲୋଚନା କରାଯାଇଥିଲା ।ଏହା ଶତ ପ୍ରତିଶତ କିପରି ଦିବ୍ୟାଙ୍ଗଙ୍କ ମତଦାନ ହେବ ସେ ନେଇ ମତପ୍ରକାଶ ପାଇଥିଲା। ମତଦାନ ସମ୍ପର୍କରେ ସେମାନଙ୍କୁ ସଚେତନ କରାଯାଇଥିଲା । ଦିବ୍ୟାଙ୍ଗ ଭୋଟରମାନେ ଘରୁ ମତଦାନ କେନ୍ଦ୍ର ଆସିବା ଓ ଫେରିବା ନେଇ ବ୍ୟବସ୍ଥା ହୋଇଥିବା ଅତିଥିମାନେ କହିଥିଲେ। ଜିପିଓ ଦୁର୍ଗା ପ୍ରସାଦ ରଣା, ଡିବ୍ଲୁଓ ବିଭୁଦତ୍ତ ମହାନ୍ତି ସହ ବହୁ କର୍ମଚାରୀ ଉପସ୍ଥିତ ଥିଲେ । ମଞ୍ଚ ପରିଚାଳନା ସୁରେଶ ମିଶ୍ର ତୁଲାଇଥିଲେ।




■ ଅପହଞ୍ଚ ଇଲାକାର ବିକାଶ କଥା

# ୨୧୨ ଗାଁକୁ ନାହିଁ ରାସ୍ତା



ଚକଲାପଦ ପଞ୍ଚାୟତର ଜାମକୋଟ ଗାଁକୁ ପଡିଥିବା ରାସ୍ତା ।



ଜାମକୋଟ ଗାଁରେ ମହିଳାମାନେ ଚୁଆରୁ ପାଣି ନେଉଛନ୍ତି ।

ନବରଙ୍ଗପୁର,୨୭।୩(ବି.ପ୍ର.)

■ ୩୬୦ ଗାଁକୁ ଯାଉନି ଆମ୍ବୁଲାନ୍ସ
■ ଅନୁଦାନ ଆସି ଖର୍ଚ୍ଚ ହୋଇପାରିନି
■ ନଳକୂପ ନ ଥିବାରୁ ଚୁଆପାଣି ବ୍ୟବହାର କରୁଛନ୍ତି

ନିର୍ବାଚନୀ ଫୋକସ

ନବରଙ୍ଗପୁର ଜିଲାରେ ଏଯାଏ ୨୧୨ ଗାଁକୁ ରାସ୍ତା ଖଣ୍ଡେ ନାହିଁ। ଲୋକଙ୍କ ପାଇଁ କେବଳ ପାଦଚଲା ରାସ୍ତା ରହିଛି । ଏହି ଗାଁର ଲୋକ ପାଇଁ ଭଲ ରାସ୍ତା ଖଣ୍ଡେ ସ୍ୱାଧୀନତାର ୭୨ ବର୍ଷ ପରେ ମଧ ହୋଇ ପାରିଲା ନାହିଁ । ଦୀର୍ଘ ୭ ଦଶନ୍ଧି ମଧ୍ୟରେ ଅନେକ ସରକାର ଚାଲିଗଲେଣି । ମୌଳିକ ସୁବିଧା ସୁଯୋଗ ସାତସପନ ପାଲଟିଛି । ବିକାଶର ନାରା ବାଜୀ କରି ନେତାଏଁ ନିର୍ବାଚନ ବୈତରଣୀ ପାର ହୋଇ ଯାଉଛନ୍ତି । ପରେ ସାଧାରଣ ଜନତାଙ୍କ କଥା କିଏ ବୁଝୁଛି । ଜିଲାର ଜିରୋ କନେକ୍ଟିଭିଟି (ପାଦଚଲାରାସ୍ତା)କଥା ଉଠିଲେ ବିକାଶ କେତେ ହୋଇଛି ତାହା ଏବେ ଭୋଟର ତର୍ଜମା କରିବେ । ବିକାଶ କଥା କହି ବିଜେଡି ନିର୍ବାଚନ ମଇଦାନକୁ ଓହ୍ଲାଇବା ବେଳେ ଭାଜପା ଓ କଂଗ୍ରେସ ମୌଳିକ ସୁବିଧା ଓ ଉପାନ୍ତ ଅଞ୍ଚଳର ରାସ୍ତାଘାଟ କଥାକୁ ପ୍ରସଙ୍ଗ କରିଛି । ରାସ୍ତାଘାଟର ଅବ୍ୟବସ୍ଥା ଯୋଗୁଁ ଜିଲାରେ ୩୬୦ଟି ଗାଁକୁ ଆମ୍ବୁଲାନ୍ସ ସେବା ମିଳୁପାରୁ ନାହିଁ । ନବରଙ୍ଗପୁର ଜିଲାର ୨୧୨ ଗାଁକୁ ପାଦଚଲା ରାସ୍ତା ରହିଛି । ଜିଲାର ଝରିଗାଁ ନିର୍ବାଚନ ମଣ୍ଡଳୀରେ ପାଦଚଲା ରାସ୍ତା ଓ ଆମ୍ବୁଲାନ୍ସ ପହଞ୍ଚିପାରୁ ନଥିବା ଗାଁ ସର୍ବାଧିକ ରହିଛି । ଦୁର୍ଗମ ଅଞ୍ଚଳରେ ନଳକୂପ ନ ଥିବାରୁ ଗ୍ରାମବାସୀ ଚୂଆପାଣି ବ୍ୟବହାର କରୁଛନ୍ତି। ଏହି ନିର୍ବାଚନ ମଣ୍ଡଳୀରୁ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଲଗାତାର ବିଜୟୀ ହୋଇ ଆସିଛନ୍ତି। ରମେଶଙ୍କ ନିଜ ଘର ଚନ୍ଦାହାଣ୍ଡି ବ୍ଲକ ଦଣ୍ଡାମୁଣ୍ଡା ଗାଁରେ । ସେ ବିଜେଡିର ନବରଙ୍ଗପୁର ଲୋକସଭା ପ୍ରାର୍ଥୀ। ବିଜେଡି ଝରିଗାଁ ନିର୍ବାଚନ ମଣ୍ଡଳୀ ପାଇଁ ରମେଶଙ୍କ ଭାଇ ପ୍ରକାଶ ଚନ୍ଦ୍ର ମାଝୀଙ୍କୁ ପ୍ରାର୍ଥୀ କରିଛି । ଅନ୍ୟ ପକ୍ଷେ ବିଜେଡି ଛାଡି ଭାଜପାରେ ଯୋଗ ଦେଇଥିବା ନବରଙ୍ଗପୁର ଏମପି ବଳଭଦ୍ର ମାଝିଙ୍କ ନିଜଗାଁ ଚନ୍ଦାହାଣ୍ଡି ବ୍ଲକ ଫଟକିରେ । ବଳଭଦ୍ର ଏବେ ଭାଜପା ପକ୍ଷରୁ ନବରଙ୍ଗପୁର ଲୋକସଭା ଆସନ ପାଇଁ ପ୍ରାର୍ଥୀ ହୋଇଛନ୍ତି । ସେହିପରି କଂଗ୍ରେସର ନବରଙ୍ଗପୁର ଲୋକସଭା ପ୍ରାର୍ଥୀ ପ୍ରଦୀପ ମାଝୀଙ୍କ ନିଜ ଗାଁ ଝରିଗାଁ ସଦର ମହକୁମାରେ । ୨୦୦୯ରେ ପ୍ରଦୀପ ନବରଙ୍ଗପୁର ଏମପି ଭାବେ ବିଜୟୀ ହୋଇଥିଲେ । ସେହି ସମୟରେ ମଧ ଝରିଗାଁ ନିର୍ବାଚନ ମଣ୍ଡଳୀରେ ଏହିଭଳି ରାସ୍ତାଘାଟ ସମସ୍ୟା ରହି ଆସିଥିଲା । ଅନୁସୂଚିତ ଜନଜାତି ସମ୍ପ୍ରଦାୟ ସଂଖ୍ୟା ବହୁଳ ଏହି ନିର୍ବାଚନ ମଣ୍ଡଳୀର ଦୁର୍ଗମ ଗାଁ ପ୍ରତି କିଭଳି ଅବହେଳା କରାଯାଇଛି ତାହାକୁ ଭାଜପା ଓ କଂଗ୍ରେସ ଯୋରଦାର ପ୍ରଚାରରେ ପ୍ରସଙ୍ଗ କରିଛନ୍ତି। ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୦୨ ଗାଁରେ ପାଦଚଲା ରାସ୍ତା ରହିଛି । ସେଥିମଧ୍ୟରୁ ଝରିଗାଁ ବ୍ଲକରେ ୬୪ ଓ ଚନ୍ଦାହାଣ୍ଡି ବ୍ଲକରେ ୩୮ ଗାଁକୁ ଏଯାଏ ପାଦଚଲା ରାସ୍ତା ରହିଛି । ମାଟି ମୋରମ ଟିକିଏ ପଡିଲା ନାହିଁ । ସରକାରୀ ରିପୋର୍ଟ ଅନୁଯାୟୀ ଡାବୁଗାଁ ବ୍ଲକରେ ୧, କୋଷାଗୁମୁଡା ବ୍ଲକରେ ୮, ନବରଙ୍ଗପୁର ସଦର ବ୍ଲକରେ ୬, ନନ୍ଦାହାଣ୍ଡି ବ୍ଲକରେ ୨, ପାପଡାହାଣ୍ଡି ବ୍ଲକରେ ୧୦, ରାଇଘର ବ୍ଲକରେ ୪୬, ତେନ୍ତୁଳିଖୁଣ୍ଟି ବ୍ଲକରେ୧୩ ଓ ଉମରକୋଟ ବ୍ଲକରେ ୨୪ଟି ଗାଁକୁ ଏଯାଏ ପାଦଚଲା ରାସ୍ତା ରହିଛି । ଏହି ରାସ୍ତାରେ ବାଇକ ଓ ଗାଡି ମଟର ଯାଇ ପାରୁ ନାହିଁ । ଏଭଳି ସ୍ଥଳରେ ଆମ୍ବୁଲାନ୍ସ ସେବା ସ୍ୱପ୍ନ ପାଲଟି ଯାଇଛି । ୨୦୧୭ରେ ୧୩ଟି ରାସ୍ତାର ଉନ୍ନତୀକରଣ କରାଯିବା ପାଇଁ ଜିଲାପ୍ରଶାସନ ତଥା ତତକାଳିନ ଜିଲାପାଳ ରଶ୍ମିତା ପଣ୍ଡା ୧୩ଟି ରାସ୍ତାର ନାମ ସରକାରଙ୍କୁ ପଠାଇଥିଲେ । ସେଥିମଧ୍ୟରୁ ଝରିଗାଁ ବ୍ଲକର ୭ଟି ଗାଁର ରାସ୍ତା ପାଇଁ ୬ କୋଟି ୭୧ ଲକ୍ଷ ୮୪ ହଜାର ୯୦୫ ଟଙ୍କା ସରକାର ଅନୁଦାନ ପଠାଇଲେ । ଟଙ୍କା ଜିଲାରୁ ବ୍ଲକକୁ ପଠାଗଲା । ୨ ବର୍ଷ ବିତିଗଲା କେଉଁ ରାସ୍ତା ପାଇଁ କେତେ ଟଙ୍କା ଖର୍ଚ୍ଚ ହେବ ତାହାର ରିପୋର୍ଟ ଦେଇ ପାରିଲେ ନାହିଁ । ପରେ ଉପାନ୍ତ ଯୋଜନା ନାମ କରଣ କରି ଉକ୍ତ ଟଙ୍କା ଗ୍ରାମ୍ୟ ନିର୍ମାଣ ବିଭାଜନ ଉମରକୋଟକୁ ଅନୁଦାନ ରାଶି ଯୋଗାଇ ଦିଆଗଲା । ଉକ୍ତ ଟଙ୍କା ବାଟରେ ଅଟକିଗଲା । ୨୧୨ ଗାଁକଥା ଦୂରେଥାଉ ୭ଟି ଗାଁକୁ ରାସ୍ତା ଏଯାଏ ହୋଇ ପାରିଲା ନାହିଁ । ୭ଟି ଗାଁହେଲା ତେଲନଦୀ ପଞ୍ଚାୟତ ଅଧିନ ଭୁରୁଷି ଡଙ୍ଗରି, ଚକଲାପଦର ପଞ୍ଚାୟତର ସାଗଯୋବା ଓ ଯୋଗୀପଦର, କୁଟୁରୀ ଛାପର ପଞ୍ଚାୟତର ଦୀପୁଭଟ୍ଟା, ଚଟ୍ଟା ପଞ୍ଚାୟତର କରାଡଙ୍ଗରୀ ଓ ବାରାପଣି, ତେଲନଦୀ ପଞ୍ଚାୟତର ମୁଣ୍ଡାଗୁଡା ଗାଁ । ସେହିଭଳି ଝରିଗାଁ ବ୍ଲକର ମଇନାପଦର ଗାଁରେ ଆମ୍ବଟାକୁ ଖାଇମୃତ୍ୟୁ ଘଟଣାରେ ଏଯାଏ ଲୋକଙ୍କ ଦୁଃଖ ଯାଇ ନାହିଁ । ରାସ୍ତାଘାଟ ନଥିବାରୁ ୧୦ କିମି ଟ୍ରାକ୍ଟରରେ ବୁହା ହୋଇ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଥିଲା । ଆମ୍ବୁଲାନ୍ସ ଆସି ପାରୁ ନ ଥିବାରୁ ଦିପୁଭଟା, ବାଘବେଡା, ବରପାଣି, ଡକୋରିକୋଟ, ଗାଇବନ୍ଧା, କୁର୍ଲୁଭଟ୍ଟାଗାଁର ୯ ଜଣ ଜନନୀ ଯନ୍ତ୍ରଣା ଭୋଗିଛନ୍ତି । ସାଇକେଲ, ବାଇକ ଓ ଖଟିଆ ଆଦିରେ ସେମାନଙ୍କୁ ପରିବାର ଲୋକ ବୋହି ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଏସମସ୍ତ ଘଟଣାକୁ ନେଇ ଏଥର ନିର୍ବାଚନ ପ୍ରସଙ୍ଗ ହେଉଛି ।

### ଭୋଟର ସଚେତନତା କାର୍ଯ୍ୟକ୍ରମ

ନବରଙ୍ଗପୁର,୨୭।୩(ବି.ପ୍ର.)

ସାଧାରଣ ନିର୍ବାଚନରେ କୌଣସି ଭୋଟର ମତଦାନରୁ ଯେମିତି ବଞ୍ଚିତ ନହୁଅନ୍ତି । ମୁକ୍ତ ଓ ଅବାଧ, ନିରପେକ୍ଷ ତଥା କୌଣସି ଚାପ ଓ ପ୍ରଲୋଭନର ବଶବର୍ତ୍ତି ନହୋଇ ନିଜର ମତଦାନ ସାବ୍ୟସ୍ତ କରିବା ପାଇଁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଜିଲାରେ ମତଦାନ ସଂକ୍ରାନ୍ତୀୟ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜିଲା ପ୍ରଶାସନ ପକ୍ଷରୁ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ପାରମ୍ପାରିକ ଲୋକକଳା, ପାଲା, ଦାସକାଠିଆ ଇତ୍ୟାଦି ମାଧ୍ୟମରେ ଭୋଟରଙ୍କୁ ମତଦାନ ପ୍ରକ୍ରିୟାରେ ସାମିଲ ହେବା ପାଇଁ ସଚେତନ ଜାରି ରହିଛି । ଜିଲାର ପ୍ରତ୍ୟେକ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ତଥା ମହାବିଦ୍ୟାଳୟ ସ୍ତରରେ ଯୁବ ଭୋଟରଙ୍କୁ ମତଦାନ ପ୍ରକ୍ରିୟାରେ ସାମିଲ ହେବା ପାଇଁ ୧୨୦ ଗୋଟି ଇଲେକ୍ଟାରାଲି ଲିଟରେସି କ୍ଲବ ଗଠନ କରାଯାଇଛି । ସେହିଭଳି ଜିଲାର ୯୮୩ ନିର୍ବାଚନ ପାଠଶାଳା ବୁଥ ସ୍ତରରେ ଗଠନ କରାଯାଇଛି । ଏଥିରେ ବୁଥ ସ୍ତରୀୟ ଅଧିକାରୀଙ୍କୁ ଉକ୍ତ କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ଦାୟିତ୍ୱ ପ୍ରଦାନ କରାଯାଇଛି । ସମସ୍ତ ବ୍ଲକ, ଜିଲା ସଦର ମହକୁମାରେ ଭୋଟର ସଚେତନତା ସମ୍ବନ୍ଧିତ ବ୍ୟାନର, ପୋଷ୍ଟର, ହୋଡିଂ ଲଗାଇବା ପାଇଁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଅଜିତ କୁମାର ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ଜିଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଣାକାର ଠାକୁର ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି । ଇତି ମଧ୍ୟରେ ଇଭିଏମ ଓ ଭିଭିପିଏଟିର ବ୍ୟବହାର ସମ୍ବନ୍ଧିୟ ସଚେତନତା କାର୍ଯ୍ୟକ୍ରମ ସମସ୍ତ ବୁଥ ସ୍ତରରେ କରାଯାଇଛି ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି ।

## ବିଜେଡି ଛାଡି କଂଗ୍ରେସ, ଭାଜପାରେ ଯୋଗ ଦେଲେ



କଂଗ୍ରେସ ନେତା ଓ ଯୋଗ ଦେଇଥିବା ନୂତନ କର୍ମୀ ।



ଭାଜପା ନେତାଙ୍କ ଗହଣରେ ଯୋଗ ଦେଇଥିବା ନୂତନ କର୍ମକର୍ତ୍ତା ।

ନବରଙ୍ଗପୁର,୨୭।୩(ଡି.ଏନ.ଏ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା ଗାଁରେ କଂଗ୍ରେସର ଜୋନ ୧ ଓ ୨ର କର୍ମକର୍ତ୍ତାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲା ସଭାପତି ମୁନା ତ୍ରିପାଠୀ, ବ୍ଲକ ସଭାପତି ବୃନ୍ଦାବନ ତ୍ରିପାଠୀ, ନବରଙ୍ଗପୁର ବିଧାନସଭା ପ୍ରାର୍ଥୀ ସଦନ ନାୟକ, ଆଦିବାସୀ ସେଲର ସଭାପତି ଅଖିଳ ଭତରା, ଅଭିମନ୍ୟୁ ନାୟକ, ଗଣେଶ୍ୱର ନାୟକ, ବିପିନ ଟାକ୍ରୀଙ୍କ ଉପସ୍ଥିତିରେ ମେଣ୍ଟ୍ରି ପଞ୍ଚାୟତର ୩୫ ଜଣ, ଦହଣା ପଞ୍ଚାୟତ ନୁଆଗାଁର ୨୫ ଓ ସାଗରମୁଣ୍ଡା ଗାଁର ୭ ଜଣ ବିଜେଡି ଦଳ ଛାଡି କଂଗ୍ରେସରେ ଯୋଗ ଦେଇଛନ୍ତି। ମେଣ୍ଟ୍ରି ପଞ୍ଚାୟତର ବିଜେଡି ସଭାପତି ଅଭିନାଦାବ ନାୟକ, ସମ୍ପାଦକ ମଧୁସୂଦନ ବାଘ, ପରାମର୍ଶଦାତା ନେତ୍ରକାନ୍ତ ବାଘ, ସହ ବହୁ କର୍ମୀ ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଇଛନ୍ତି । ସେହିପରି ଦହରାର ପୂର୍ବତନ ସରପଞ୍ଚ ଗୁପ୍ତ ମାଝୀ ତାଙ୍କ ସମର୍ଥକଙ୍କ ସହ କଂଗ୍ରେସରେ ଯୋଗ ଦେଇଛନ୍ତି।

ସେହିଭଳି ଭାଜପା ପକ୍ଷରୁ ନବରଙ୍ଗପୁର ବ୍ଲକ ବାଘସିଉନୀ ପଞ୍ଚାୟତ ଅଧିନ ଜାମ୍ବେଗୁଡା ଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଗ୍ରାମ୍ୟ ମଣ୍ଡଳ ସଭାପତି କାଶିନାଥ ଦାସ ଅଧ୍ୟକ୍ଷତା କରିଥିଲେ । ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଭାଜପା ପ୍ରାର୍ଥୀ ଗୌରୀ ଶଙ୍କର ମାଝୀ, ଜିଲା ଯୁବ ମୋର୍ଚ୍ଚା ସଭାପତି କାହ୍ନୁ ଦାଶ, ଓବିସି ମୋର୍ଚ୍ଚା ସଭାପତି ମନୋଜ ମହାକୁଡ, ମିଡିଆ ସଂଯୋଜକ ସଂଜୀବ ନନ୍ଦ, ମୃତ୍ୟୁଂଜୟ ମହାରଣାଙ୍କ ଉପସ୍ଥିତ ଥିଲେ । କମଲୁ ଜାନୀ, ତ୍ରିଲୋଚନ ଜାନୀ, କୃଷ୍ଣ ଜାନୀ ସମେତ ୨୩ ଜଣ ବିଜେଡି ଛାଡି ଭାଜପାରେ ଯୋଗ ଦେଇଛନ୍ତି।

### ମଧ୍ୟାହ୍ନ ଭୋଜନ ଖାଇ ୧୩ ଛାତ୍ର ଅସୁସ୍ଥ

ଝରିଗାଁ,୨୭।୩(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଭିକ୍ଷା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସରେ ବୁଧବାର ମଧ୍ୟାହ୍ନ ଭୋଜନ ଖାଇ ୧୩ ଛାତ୍ର ଅସୁସ୍ଥ ହୋଇଛନ୍ତି। ଭିକ୍ଷା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରାବାସରେ ୪୦ ଛାତ୍ର ରହୁଛନ୍ତି। ଛାତ୍ରମାନେ ମଧ୍ୟାହ୍ନ ଭୋଜନରେ ଅଣ୍ଡା ଓ ଭାତ ଖାଇଥିଲେ। ହଠାତ ୧୩ ଜଣ ଛାତ୍ରଙ୍କ ବାନ୍ତି ହୋଇଥିଲା। ପ୍ରଧାନ ଶିକ୍ଷକ ପୂର୍ଣ୍ଣାନନ୍ଦ ପ୍ରଧାନ ଛାତ୍ରମାନଙ୍କୁ ତୁରନ୍ତ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଅସୁସ୍ଥ ହୋଇଥିବା ଛାତ୍ରମାନେ ହେଲେ ଆସମନ ଭତ୍ରା(୭), ଭିମ ଭତ୍ରା(୯), ଦାସ ପାଙ୍ଗି(୧୦), ପଦଲାମ ସାନ୍ତା(୬), ଅଭି ସାନ୍ତା(୯), ସତ୍ୟରାମ ଭତ୍ରା(୬), ପିଣ୍ଟୁ ସାନ୍ତା(୯), ପତି ସାନ୍ତା(୧୦), ପରମେଶ୍ୱର ଭତ୍ରା(୬) ଏବଂ ଶଙ୍କର ସାନ୍ତା(୭) ।

## ବିରୋଧୀଙ୍କ ଉପରେ ବର୍ଷିଲେ ବିଜେଡି ପ୍ରାର୍ଥୀ

କୋଷାଗୁମୁଡା, ୨୭।୩(ଡି.ଏନ.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକର କୋଡିଙ୍ଗା ଗ୍ରାମରୁ ବୁଧବାର ବିଜେଡି ପକ୍ଷରୁ ବାଇକ ରାଲି କରାଯାଇଥିଲା । କୋଡିଙ୍ଗା ମନ୍ଦିରରୁ ବାହାରି କୋଷାଗୁମୁଡା ମୁଖ୍ୟରାସ୍ତା ନେଇ ସନ୍ତୋଷପୁର ନର୍ସରୀ ପର୍ଯ୍ୟନ୍ତ ରାଲି କରାଯାଇଥିଲା। କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମପି ପ୍ରାର୍ଥୀ ରମେଶ ମାଝି, ଡାବୁଗାଁ ବିଧାୟକ ପ୍ରାର୍ଥୀ ମନୋହର ରନ୍ଧାରୀ, ଜିଲା ବିଜେଡି କୃଷକ ସେଲ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ବରିଷ୍ଠ ବିଜେଡି ନେତା ବଦ୍ରିନାରାୟଣ ସି, ପ୍ରଶାନ୍ତ କୁମାର ବକ୍ସି ଏବଂ କର୍ମୀମାନେ ଯୋଗ ଦେଇଥିଲେ। ନର୍ସରୀରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ କେନ୍ଦ୍ର ସରକାର ଏବଂ କଂଗ୍ରେସ ବିରୋଧରେ ଭାଷଣ ବାଜି କରିଥିଲେ। ଡାବୁଗାଁ ନିର୍ବାଚନମଣ୍ଡଳୀରେ ବିଧାୟକ ଭୁଜବଳ ମାଝି କୌଣସି ଉନ୍ନତିମୂଳକ କାର୍ଯ୍ୟ ୧୦ବର୍ଷରେ କରିନାହାନ୍ତି ବୋଲି ଅଭିଯୋଗ କରିଥିଲେ। କେନ୍ଦ୍ର ସରକାର ଯୋଜନା ସବୁ କାଟ୍ କରୁଥିବାବେଳେ ଲୋକଙ୍କୁ ରାଜ୍ୟ ସରକାର ଯୋଜନା ସବୁ କରି ଜନହିତକର କାର୍ଯ୍ୟ କରୁଛି ବୋଲି ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ପାପଡାହାଣ୍ଡି ବ୍ଲକ ମକିଆ ସରପଞ୍ଚ ପୁଷ୍ପାଞ୍ଜଳି ନାଚିକା, ଡାବୁଗାଁ ପୂର୍ବତନ ସରପଞ୍ଚ ବିନୋଦ ସଉରା, ସନ୍ତୋଷପୁର ପଞ୍ଚାୟତର ହେମଚନ୍ଦ୍ର ପନକା ଏବଂ ମଧୁ ମିରଗାନ ପ୍ରମୁଖ ବିଜେଡିରେ ଯୋଗଦାନ କରିଥିବା ସୂଚନା ଦେଇଥିଲେ।



ସଭାରେ ଉପସ୍ଥିତ ଜନସାଧାରଣ ।

## ବିଜେଡିର ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

ପାପଡାହାଣ୍ଡି,୨୭।୩ (ଡି.ଏନ.ଏ)

-ନବରଙ୍ଗପୁର ଜିଲା ଯୁବ ବିଜେଡି ତରଫରୁ ପାପଡାହାଣ୍ଡି ଠାରେ ହକ ମାଗୁଛି ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ମୋଟର ସାଇକେଲ ରାଲି ଆୟୋଜନ କରାଯାଇଥିଲା । ସ୍ଥାନୀୟ ସହିଦ ମିନାରରୁ ବାହାରି ସହର ପରିକ୍ରମା କରି ମୃଗ ବିହାର ନିକଟରେ ପହଞ୍ଚିଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ବିଧାୟକ ମନୋହର ରନ୍ଧାରୀ, ଜିଲା ଯୁବ ବିଜେଡି ସଭାପତି ଶିବାନନ୍ଦ ବିଷୋୟୀ, ସ୍ୱାଧୀନ ପଟ୍ଟନାୟକ, ସୋମନାଥ ବିଷୋୟୀ, ବ୍ଲକ ଉପଧକ୍ଷ ତ୍ରିନାଥ ପ୍ରଧାନ, ଶେଖ ଇକବାଲ, ବ୍ଲକ ସଭାପତି ବିଦ୍ୟାଧର ମଲ୍ଲିକ ପ୍ରମୁଖ ଯୋଗାଦେଥିଲେ । ବୈଠକରେ ଆଗାମୀ ନିର୍ବାଚନ ଓ ରାଜ୍ୟ ସରକାରଙ୍କ ଜନ ହିତକର ଯୋଜନା ସମ୍ପର୍କରେ ଆଲୋଚାନା ହୋଇଥିଲା ।

## ବିଜେଡିରେ ମିଶିଲେ ଦିବାକର ପୂଜାରୀ

ନବରଙ୍ଗପୁର,୨୭।୩(ବି.ପ୍ର.)

ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଦିବାକର ପୂଜାରୀ ଦଳ ଛାଡି ବୁଧବାର ବିଜେଡିରେ ସାମିଲ ହୋଇଛନ୍ତି । ସ୍ଥାନୀୟ ପ୍ରକୃତି ରିସର୍ଟ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ଜିଲା ସଭାପତି ପ୍ରହ୍ଲାଦ ତ୍ରିପାଠୀ, ନବରଙ୍ଗପୁର ଜିଲା ପର୍ଯ୍ୟବେକ୍ଷକ , ରାଜ୍ୟ ବିଜେଡି ସମ୍ପାଦକ ମନୁ ଚୌଧୁରୀ, ବାବୁଲି ମିଶ୍ରଙ୍କ ଉପସ୍ଥିତିରେ ଦିବାକର ବିଜେଡିରେ ସାମିଲ ହୋଇଛନ୍ତି। ସେହିଭଳି ତେନ୍ତୁଳିଖୁଣ୍ଟି ବ୍ଲକ ଅଧିନ ଦିଗି ଗାଁର ସୁଦାମ ପାଇକ ଓ ସୁନିଲ ହିଆଲଙ୍କ ନେତୃତ୍ୱରେ କଂଗ୍ରେସର ୩୦ ଜଣ କର୍ମୀ ବିଜେଡିରେ ଯୋଗ ଦେଇଥିଲେ । ଏହି ଅବସରରେ ଦିବାକର କହିଛନ୍ତି ଯେ, ଭାଜପାରେ କର୍ମକର୍ତ୍ତାମାନେ ନିର୍ବାଚନ ସମୟରେ ପେଟ ପାଟଣା ପାଇଁ କାମ କରୁଛନ୍ତି । ଭାଜପାରେ ସ୍ୱଚ୍ଛତା ନାହିଁ ବୋଲି କହିଥିଲେ ।



ବିଜେଡିରେ ଯୋଗ ଦେଇଥିବା ଦିବାକର ପୂଜାରୀ ଓ ଅନ୍ୟମାନେ ।

■ ଦୁର୍ଗମ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ଏମିତି

## ଶିକ୍ଷକ ଆସୁନାହାନ୍ତି, ୨ ଦିନ ସ୍କୁଲ ବନ୍ଦ

ମୈଦଲପୁର,୨୭।୩(ଡି.ଏନ.ଏ.)

ଶିକ୍ଷକ ଆସୁନ ଥିବାରୁ ପାପଡାହାଣ୍ଡି ବ୍ଲକ କଣ୍ଟାମାଲ ପଞ୍ଚାୟତ ଗଣ୍ଡାଗୁଡାଗାଁର ପ୍ରାଥମିକ ବିଦ୍ୟାଳୟ ୨ ଦିନ ହେଲା ବନ୍ଦ ରହିଛି। ସ୍କୁଲମଙ୍ଗଳବାର ବନ୍ଦ ରହିଥିବା ବେଳେ ବୁଧବାର ମଧ୍ୟାହ୍ନ ଗୋଟିଏ ପର୍ଯ୍ୟନ୍ତ ବନ୍ଦ ରହିଥିଲା । ପ୍ରଧାନ ଶିକ୍ଷକ ଛୁଟିରେ ରହିଥିବାରୁ ସହାୟକ ଶିକ୍ଷକ ଅନୁପସ୍ଥିତ ରହିଥିଲେ । ବିଦ୍ୟାଳକୁ ଶିକ୍ଷକ ନିୟମିତ ଆସୁ ନଥିବା ଗ୍ରାମବାସୀ ରତ୍ନାକର ଗୌଡ, କୁମ ମାଝୀ, ରଥ ମାଘୀ, ଇଶ୍ୱର ମାଝୀ, ବୁଦୁ ମାଝୀ, ଲକ୍ଷୀନାଥ ମାଝୀ ଅଭିଯୋଗ କରିଛନ୍ତି । ପିଲାଙ୍କୁ କିଭଳି ପାଠ ପଢା ହେଉଛି ଏବଂ ବିଦ୍ୟାଳୟ ପରିଚାଳନା ତଦାରଖ ପାଇଁ ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ସିଆରସିସି ପ୍ରମୂଖ ରହିଛନ୍ତି । ତେବେ ଦୁର୍ଗମ ଗାଁରେ ଶିକ୍ଷା ବ୍ୟବସ୍ଥା କିଭଳି ଚାଲିଛି ତହାର ସଠିକ ତଦାରଖ ହୋଇ ପାରୁ ନଥିବାରୁ ପିଲାମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ଏନେଇ ଅବିଭାବକ ମଧ୍ୟରେ ଅସନ୍ତୋଷର ଦାନା ବାନ୍ଧୁଛି । ବ୍ଲକ ଶିକ୍ଷା ଅଧିକାରୀ ଭାବଗ୍ରାହୀ ପଣ୍ଡାଙ୍କୁ ଯୋଗାଯୋଗ ହୋଇ ପାରିନଥିଲା । ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଗଣ୍ଡଙ୍କ ସହ ଯୋଗାଯୋଗ କରିବାରୁ ମୋବାଇଲ ସୁଇଚ ଅଫ ରହିଥିଲା ।




ସ୍କୁଲରେ ତାଲା ପଡିଛି।

# ବାଲି ବୋଝେଇ ଟିପ୍ପର ଯାଞ୍ଚ : ୨ ଦିନରେ ୨୦ ହଜାର ଜରିମାନା

**ଟିକିରି, ୨୭।୩ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଦୁଦୁକା ବାହାଲ ପଞ୍ଚାୟତ ତୋଟାଗୁଡା ଛକରେ ବୁଧବାର ଦୁଇଟି ବେଆଇନ ବାଲି ବୋଝେଇ ଟିପ୍ପରଠାରୁ ୧୪ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। କାଶୀପୁର ତହସିଲଦାର ସୌଭାଗ୍ୟ ବେହେରାଙ୍କ ନେତୃତ୍ୱରେ ତୋଟାଗୁଡ଼ା ଛକରେ ବାଲି ବୋଝେଇ ଗାଡିଗୁଡିକୁ ଯାଞ୍ଚ କରାଯାଇଥିଲା।

ପ୍ରକାଶ ଯେ, ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ତୋଟାଗୁଡ଼ା ଛକରେ ତହସିଲଦାରଙ୍କ ନେତୃତ୍ୱରେ ବିଭିନ୍ନ ଗାଡି ଯାଞ୍ଚ କରାଯାଇଥିଲା। ବୁଧବାର ଯାଞ୍ଚ ବେଳେ(ଓଆର-୧୮ସି-୮୫୨୧) ଓ (ଓଆର୍-୧୮ବି-୪୧୧୯) ବେଆଇନ ଭାବେ ବାଲି ନେଇ ଯାଉଥିବାରୁ ତାଙ୍କଠାରୁ ୧୪ ହଜାର ଜରିମାନା ଆଦାୟ କରାଯାଇଛି। ଗାଡିଗୁଡିକୁ ଟିକିରି ଥାନାରେ ରଖାଯାଇଛି। ମଙ୍ଗଳବାର ହୋଇଥିବା ଯାଞ୍ଚରେ ୨ଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟରଠାରୁ ୬ହଜାର ଟଙ୍କା ଆଦାୟ କରାଯାଇଥିଲା। ଏହି ଯାଞ୍ଚବେଳେ ଟିକିରି ଆର୍‌ଆଇ ଅଶୋକ କୁମାର ବାଉରି, ଏଆର୍‌ଆଇ ନିହାର ରଞ୍ଜନ ପାଣି ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।






## ବାସିଖାଦ୍ୟ ଖାଇ ଗାଈ ମୃତ୍ୟୁ ଘଟଣା: କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଏତଲା

**ଗୁଣପୁର,୨୭।୩(ଡି.ଏନ୍.ଏ.)**

ବାସି ଖାଦ୍ୟ ଖାଇ ୫ ଗାଈ ପ୍ରାଣ ହରାଇଥିବା ଘଟଣାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗୁଣପୁର ଥାନାରେ ବୁଧବାର ଏତଲା ଦିଆଯାଇଛି। ଜିଲା ପ୍ରାଣୀଧନ ମଙ୍ଗଳ ବୋର୍ଡ ଅଧିକାରୀ ରାଜେନ୍ଦ୍ର ଆଚାରୀ ଏହି ଏତଲା ଦେଇଛନ୍ତି। ପ୍ରକାଶ ଯେ, ରାୟଗଡା ଜିଲା ଗୁଣପୁରରେ ପ୍ରାର୍ଥିପତ୍ର ଦାଖଲ ଦିନ ବିଭିନ୍ନ ରାଜନୈତିକ ଦଳର ସମର୍ଥକଙ୍କ ପାଇଁ ଏସ୍‌ବିଆଇ ନିକଟ ଆମ୍ବ ତୋଟାରେ ଭୋଜି କରାଯାଇଥିଲା। ଭୋଜି ପରେ ଅଳିଆ ସବୁକୁ ଉଠାଯାଇ ନ ଥିଲା। ବଳକା ଖାଦ୍ୟ, ପାଣି ପାଉଚ୍, ଖଲି ପତ୍ର ସବୁ ପଡି ରହିଥିଲା। ସେ ସବୁ ଖାଇ ୫ ଗାଈ ପ୍ରାଣ ହରାଇଥିଲେ।

## ଅଣନିଯୁକ୍ତି ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ବୈଠକ ଭୋଟ ବର୍ଜନ ନିଷ୍ପତ୍ତି

**ହିଞ୍ଜିଳିକାଟୁ,୨୭।୩(ଡି.ଏନ୍.ଏ)**

ନିଖିଳ ଓଡ଼ିଶା ଅଣନିଯୁକ୍ତି ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଜିଲା ସ୍ତରୀୟ ବୈଠକ ସଭାପତି ଗୀତାଞ୍ଜଳୀ ସାହୁଙ୍କ ଅଧ୍ୟକ୍ଷତାରେ ବୁଧବାର ଶ୍ୟାମଳାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ୧୭ହଜାର ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ପରେ ମଧ୍ୟ ନିଯୁକ୍ତି ପ୍ରଦାନ କରାଯାଇ ନ'ଥିବା ପ୍ରତିବାଦରେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅନ୍ୟ ପକ୍ଷରେ ସଂଘର ବାରମ୍ବାର ଦାବି ସତ୍ତ୍ୱେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଦାବିକୁ ବିଭାଗୀୟ ମନ୍ତ୍ରୀ, ସଚିବ ଓ ସରକାର ଗ୍ରହଣ କରୁ ନାହାନ୍ତି ବୋଲି ଅଭିଯୋଗ ହୋଇଛି। ମୁଖ୍ୟମନ୍ତ୍ରୀ ନିର୍ବାଚନ ଲଢୁଥିବା ହିଞ୍ଜିଳି ଓ ବିଜେପୁର ନିର୍ବାଚନମଣ୍ଡଳୀର ଘରେ ଘରେ ସଂଘର ସଦସ୍ୟାମାନେ ବୁଲି ସରକାରଙ୍କ ଅପାରଗତା ବଖାଣିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟ ସଭାପତି ସୁମତି ସାହୁ, ପାର୍ଥସାରଥି ଜେନା, ସମ୍ପାଦିକା ସ୍ମୃତିରେଖା ନାୟକ, ସୁଜାତା ମହାରଣାଙ୍କ ସମେତ ବହୁ ମହିଳା ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।

## ତେଜରାତି ଦୋକାନୀଙ୍କ ବନ୍ଧୁମିଳନ

**ଟିକିରି, ୨୭।୩ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ପଞ୍ଚାୟତ ବଣିକ ସଂଘର ସମସ୍ତ ତେଜରାତି ଦୋକାନୀଙ୍କ ବନ୍ଧୁମିଳନ ସ୍ଥାନୀୟ ତୋଟାଗୁଡା ଛକ ନିକଟ ଆମ୍ବ ତୋଟାରେ ଅନୁଷ୍ଠିତ ହୋଇଛି। ଏଠାରେ ତେଜରାତି ଦୋକାନୀଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ପ୍ରତି ମାସର ଦ୍ୱିତୀୟ ଶନିବାର ବଜାର ଉଭୟ ପାର୍ଶ୍ୱରେ ଦୁଇଟି ଦୋକାନ ଖୋଲା ରହିବ ଏବଂ ଅନ୍ୟ ସବୁ ବନ୍ଦ ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। ବନ୍ଧୁ ମିଳନରେ ପୂର୍ବତନ ସଭାପତି ଚିତ୍ତରଞ୍ଜନ ପଣ୍ଡା, ଅନିତ ସାହୁ, ନନ୍ଦ ସାହୁ, ଅନନ୍ତ ଗୌଡ , ଆଲୋକ ସାହୁ, ଭାଗି ନାଏକ, ଜିତୁ ସାବତ, ଅଶୋକ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ଶତପଥୀ

## ସଂକ୍ଷେପରେ



### ଇସ୍ତଫା ଦେଲେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ

**ପାରଳାଖେମୁଣ୍ଡି,୨୭।୩(ସ୍ୱ.ପ୍ର.):** ଗଜପତି ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗ ବୁଧବାର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ସନ୍ଧ୍ୟା ୬ଟା ବେଳେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ନିଜର ଇସ୍ତଫା ପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିବା ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ମୋହନା ନିର୍ବାଚନ ମଣ୍ଡଳୀରୁ ତାଙ୍କ ପତ୍ନୀ ପୂର୍ଣ୍ଣବାସୀ ନାୟକ ବିଜେଡି ତରଫରୁ ବିଧାନସଭା ନିର୍ବାଚନ ଲଢୁଛନ୍ତି । ଯେହେତୁ ବିଜେଡି ଦଳର ଶୃଙ୍ଖଳା ଓ ଆଦର୍ଶ ରହିଛି ଯେ ପରିବାର ଜଣେ ହିଁ ପଦ ପଦବୀରେ ରହିବେ, ସେଥିପାଇଁ ମୁଁ ଜଣେ ଶୃଙ୍ଖଳିତ କର୍ମୀ ହିସାବରେ ଇସ୍ତଫା ଦେଉଛି । ସେ ଆହୁରି ଜଣାଇଛନ୍ତି ଯେ ଦଳ ପାଇଁ ଜଣେ ସାଧାରଣ କର୍ମୀ ଭାବେ ଜନସାଧାରଣଙ୍କ ସେବା କରିବି ଏବଂ ମୋହନା ନିର୍ବାଚନ କ୍ଷେତ୍ରରେ ବିଜେଡି ଦଳ ପାଇଁ କାର୍ଯ୍ୟ କରିବି ବୋଲି ଖବରଦାତା ସମ୍ମିଳନୀରେ କହିଛନ୍ତି।

### କଂଗ୍ରେସରେ ମିଶିଲେ ୫୦ ମହିଳା

**ଜୟପୁର,୨୭।୩(ନି.ପ୍ର.):** ଜୟପୁର ପୌରାଞ୍ଚଳର ଧୋବାସାହି ଓ ନୂଆସାହିର ୫୦ରୁ ଅଧିକ ମହିଳା ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଇଛନ୍ତି । ଉମା ମାହେଶ୍ୱରୀଙ୍କ ନେତୃତ୍ୱରେ ତଥା ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ଉପସ୍ଥିତିରେ ସେମାନେ ଦଳରେ ସାମିଲ ହୋଇଥିଲେ। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଭାବମୂର୍ତ୍ତି ପାଇଁ ସେମାନେ ଦଳରେ ମିଶିଥିବା କହିଥିଲେ। ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତି ସେମାନଙ୍କୁ ଫୁଲତୋଡ଼ା ଦେଇ ଦଳକୁ ସ୍ୱାଗତ କରିଥିଲେ।

### ଯାଞ୍ଚ ବେଳେ ଓଭରଲୋଡିଂ ଗାଡ଼ିକୁ ଜରିମାନା

**ପାରଳାଖେମୁଣ୍ଡି,୨୭।୩(ସ୍ୱ.ପ୍ର.):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ନିର୍ବାଚନକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ଯାନବାହନ ଯାଞ୍ଚ ଚାଲିଛି। ପାରଳାଖେମୁଣ୍ଡି ଉପକଣ୍ଠସ୍ଥ ବ୍ରାହ୍ମଣ ସୀତାପୁର ମୁଖ୍ୟରାସ୍ତାରେ ବୁଧବାର ଯାଞ୍ଚ ସମୟରେ ଓଭରଲୋଡିଂ ପାଇଁ ଏକ ଟିପ୍ପର ଗାଡିରୁ ୨୫ ହଜାର ୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଗ୍ରାନାଇଟ ବୋଝେଇ ହୋଇଥିବା ଏହି ଟିପ୍ପର (ଟିଏନ୍ ୨୯ ବିଏସ୍ ୪୯୭୭)କୁ ଓଭରଲୋଡିଂ ପାଇଁ ଅଟକାଯାଇ ଜରିମାନା ଆଦାୟ କରାଯାଇଥିଲା। ଗୋଷାଣୀ ବ୍ଲକ କତଲକଇଠା ପଞ୍ଚାୟତର ପୁତୁଣୀ ଗ୍ରାମରୁ ପଥର ବୋଝେଇ କରି ଏହି ଗାଡ଼ି ଡାମୁଣୀ ଗାଁ ଛକସ୍ଥିତ ଏକ ଗ୍ରାନାଇଟ୍ ଫ୍ୟାକ୍ଟ୍ରିକୁ ଯାଉଥିବାବେଳେ ଯାଞ୍ଚ ବେଳେ ଓଭରଲୋଡିଂ ବୋଲି ଜଣାପଡ଼ିଥିଲା। ଜରିମାନା ଆଦାୟ ବେଳେ ଯାନବାହନ ନିରୀକ୍ଷକ ଜିତେନ୍ଦ୍ର କୁମାର ମୁର୍ମୁ ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ୨୯ରେ ଜୟପୁର ଆସିବେ ମୋଦି

**ଜୟପୁର,୨୭।୩(ନି.ପ୍ର./ଡି.ଏନ୍.ଏ.)**



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

- ଭାଜପାର ଖବରଦାତା ସମ୍ମିଳନୀ
- ଜୟପୁରରୁ ଆରମ୍ଭ କରିବେ 'ମିଶନ ୧୨୦'

ସାଧାରଣ ନିର୍ବାଚନ ପାଇଁ ଆସନ୍ତା ୨୯ ତାରିଖ ପ୍ରଚାର କାର୍ଯ୍ୟକ୍ରମରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କୋରାପୁଟ ଓ ନବରଙ୍ଗପୁର ଲୋକସଭା କ୍ଷେତ୍ର ସହ ୧୪ଟି ବିଧାନସଭା କ୍ଷେତ୍ରର ପ୍ରାର୍ଥୀଙ୍କ ପାଇଁ ସେ ପ୍ରଚାର କରିବା କାର୍ଯ୍ୟକ୍ରମ ରହିଛି। ଜୟପୁର ବାଙ୍କବିଜ ପଡିଆରେ ହେବାକୁ ଥିବା ସମାବେଶରୁ ରାଜ୍ୟରେ 'ମିଶନ ୧୨୦'ର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ମୋଦୀ। ଜୟପୁର ସ୍ଥିତ ହୋଟେଲ ଅପସରାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସଂପାଦକ ଧୀରେନ ସେନାପତି ଏହି ସୂଚନା ଦେଇଛି।

ଗସ୍ତ ସୂଚୀ ଅନୁଯାୟୀ, ୨୯ ତାରିଖ ଶୁକ୍ରବାର ପ୍ରଧାନମନ୍ତ୍ରୀ ଛତିଶଗଡ଼ର ଜଗଦଲପୁରରୁ ହେଲିକପ୍ଟର ଯୋଗେ ବାହାରି ପୂର୍ବାହ୍ନ ୧୦ଟା ୫୦ରେ ଜୟପୁରରେ ପହଞ୍ଚିବେ। ସେଠାରେ ସମାବେଶକୁ ସମ୍ବୋଧିତ କରି ୧୧ଟା ୪୫ରେ ଜଗଦଲପୁର ଫେରିଯିବେ। କାର୍ଯ୍ୟକ୍ରମରେ ଭାଜପା ରାଷ୍ଟ୍ରୀୟ ଉପ ସଭାପତି ବୈଜୟନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, କୋରାପୁଟ ଓ ନବରଙ୍ଗପୁର ଲୋକସଭା କ୍ଷେତ୍ରର ଦଳୀୟ ପ୍ରାର୍ଥୀ ଜୟରାମ ପାଙ୍ଗି ଓ ବଳଭଦ୍ର ମାଝିଙ୍କ ସହ ୧୪ଟି ବିଧାନସଭା କ୍ଷେତ୍ରର ବିଧାୟକ ପ୍ରାର୍ଥୀ ମଧ୍ୟ ଉପସ୍ଥିତ ରହିବେ । ଏହି ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସୁରକ୍ଷା ଦାୟିତ୍ୱରେ ଏସ୍‌ପିଜିର ଟିମ୍, ୩ ଜଣ ଏସ୍‌ପି ର୍ୟାଙ୍କର ଅଫିସର, ୧୫୦ ଜଣ ର୍ୟାଙ୍କ ଅଫିସରଙ୍କ ସମେତ ୫୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଗସ୍ତ ପୂର୍ବରୁ ବୁଧବାର ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ହିମାଂଶୁ ଲାଲ ସମାବେଶ ହେବାକୁ ଥିବା ବାଙ୍କବିଜ ପଡ଼ିଆ ଯାଇ ସମୀକ୍ଷା କରିବା ସହ ଏନେଇ ଏସ୍‌ପି କନଓ୍ୱର ବିଶାଲ ସିଂ ଓ ଏସ୍‌ଡିପିଓ ସାଗରିକା ନାଥଙ୍କ ସହ ଆଲୋଚନା କରିଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସମ୍ପାଦକ ଧୀରେନ ସେନାପତି, ଲୋକସଭା ପ୍ରଭାରୀ ରମେଶ ସାହୁ, ଜିଲା ସଭାପତି ବିଜୟ ମିଶ୍ର, ଜୟପୁର ଭାଜପା ନୋଡାଲ ମିଡିଆ ସଂଯୋଜକ ଦେବେନ୍ଦ୍ର ବାହିନୀପତି, ସହ ସମ୍ପାଦକ ସମ୍ବିତ ମହାପାତ୍ର, ଜୟପୁର ବିଧାନସଭା କ୍ଷେତ୍ର ମିଡିଆ ସଂଯୋଜକ ମୀନକେତନ ପରିଚ୍ଛା, ସାଧୁଚରଣ ଦାସ ଚୌଧୁରୀ, ଜୟପୁର ପ୍ରଭାରୀ ଅଶ୍ୱିନୀ ପଟ୍ଟନାୟକ, ଜୟରାମ ଗରଡ଼ା ଉପସ୍ଥିତ ଥିଲେ।

# ବାଇକ୍-ମିନିଟ୍ରକ୍ ଧକ୍କା: ୨ ମୃତ

**ଦାମନଯୋଡ଼ି,୨୭।୩(ସ୍ୱ.ପ୍ର.)**




କୋରାପୁଟ ଜିଲା ଲିଟିଗୁଡ଼ା ପଞ୍ଚାୟତ ଝଡ଼ିଗୁଡ଼ା ନିକଟରେ ବୁଧବାର ସକାଳେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଗୋଟିଏ ବାଇକ୍‌କୁ ମିନିଟ୍ରକ୍ ଧକ୍କା ଦେବା ଯୋଗୁ ୨ ଜଣଙ୍କର ମୃତ୍ୟୁ ହୋଇଛି। ମୃତକମାନେ ହେଲେ ବାରିଗାଁ ଅଞ୍ଚଳର ତରୁଣ ଦାମୀ (୨୩) ଓ ଓର୍ସାଦ ଖୋସଲା (୧୨)। ଭେଜାପୁଟର ମହେଶ୍ୱର ଭୋଇ (୩୫) ଗୁରୁତର ଥିବାରୁ ତାଙ୍କୁ କୋରାପୁଟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ମାଲ ବୋଝେଇ କରି ଏକ ମିନିଟ୍ରକ୍ ଜୟପୁର ଆସିଥିଲା। ଏଠାରେ ଅନ୍‌ଲୋଡିଂ ସାରି ଫେରୁଥିବା ବେଳେ ରାସ୍ତାରେ ଗୋଟିଏ କାର୍‌କୁ ସାଇଡ୍ ଦେବାକୁ ଯାଇ ବାଇକ୍ ସହ ଧକ୍କା ହୋଇଥିଲା। ଏଥିରେ ବାଇକ୍‌ରେ ଥିବା ଓର୍ସାଦଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ତରୁଣଙ୍କୁ ଡାକ୍ତରଖାନା ନିଆଯିବା ପରେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ୧୦୮ ସହ ଯୋଗାଯୋଗ କରିଥିଲେ। କିନ୍ତୁ ଆମ୍ବୁଲାନ୍ସ ନ ଆସିବାରୁ ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ହୋହାଲ୍ଲା କରିବା ସହ ଝଡ଼ିଗୁଡାରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଦାମନଯୋଡ଼ି ଆଦର୍ଶ ଥାନା କର୍ମଚାରୀ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ତଦନ୍ତ ଆରମ୍ଭ କରିଥିଲେ। ଦୁର୍ଘଟଣା ପରେ ମିନିଟ୍ରକ୍ ଡ୍ରାଇଭର ସେଠାରୁ ଫେରାର ହୋଇଯାଇଥିବା ବେଳେ ହେଲପର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। କୋରାପୁଟ ତହସିଲଦାର ନେହେରୁ ମାଝୀ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

# ୨୬ କିମି ରାଜପଥର ହେବ ପ୍ରଶସ୍ତିକରଣ

**ଜୟପୁର,୨୭।୩(ଡି.ଏନ୍.ଏ.)**

- ୮୦ କୋଟି ଟଙ୍କା ବ୍ୟୟ ଅଟକଳ
- ଟେଣ୍ଡର ଆହ୍ୱାନ କରିଛି ଜାତୀୟ ରାଜପଥ ବିଭାଗ


ଜୟପୁର-ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥ।

ଜୟପୁର ସହରର ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ବୋରିଗୁମ୍ମାରୁ ଘାଟି ପର୍ଯ୍ୟନ୍ତ ୨୬ କିଲୋମିଟର ରାସ୍ତା ନିର୍ମାଣ ହେବ। ଏଥିପାଇଁ ୭୯କୋଟି ୯୧ ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ କରିଛି ଜାତୀୟ ରାଜପଥ ପ୍ରାଧିକରଣ। ଅନଲାଇନରେ ଟେଣ୍ଡର ଦାଖଲ ହୋଇଥିବା ବେଳେ ଏହାର ଉଠାଣ ଆସନ୍ତା ୫ ତାରିଖ ଭୁବନେଶ୍ୱର ସ୍ଥିତ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ହେବ।

ଜୟପୁର ନିକଟସ୍ଥ ବାରିଣିପୁଟ ଘାଟି ନିକଟରୁ ଜୟପୁର ସହର ଦେଇ ବୋରିଗୁମ୍ମା ପର୍ଯ୍ୟନ୍ତ ୨୬ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୯୪ କୋଟି ଟଙ୍କା ଅଟକଳ କରାଯାଇଥିଲା। ଶେଷରେ ୭୯ କୋଟି ୯୧ ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି । ରାସ୍ତାର ଓସାର ବୃଦ୍ଧି କରାଯାଇ ୭ ବଦଳରେ ୧୦ ମିଟର କରାଯିବ । ଆବଶ୍ୟକ ସ୍ଥାନରେ ଡ୍ରେନ୍, କଲ୍ଭର୍ଟ୍ ଆଦିକାଣ୍ଡ ନିର୍ମାଣ କରାଯିବ । ରାସ୍ତା ପ୍ରଶସ୍ତିକରଣ ପାଇଁ ୧୯୬୦ଟି ଗଛ କଟାଯିବା ସହ ବଦଳରେ ଏହାର ଦୁଇଗୁଣ ୨୯୨୦ଟି ଚାରା ରୋପଣ କରାଯିବ । ଗଛକଟା ବ୍ୟବସ୍ଥା ବନ ବିଭାଗ କରିବ ; କିନ୍ତୁ ଖର୍ଚ୍ଚ ବହନ କରିବ ଜାତୀୟ ରାଜପଥ ପ୍ରାଧିକରଣ। କିନ୍ତୁ ରାସ୍ତା ପ୍ରଶସ୍ତିକରଣ ପାଇଁ ଜୟପୁରରୁ ବୋରିଗୁମ୍ମା ମଧ୍ୟରେ ଉମୁରୀ, ରଣ୍ଡାପାଲୀ, ଆମ୍ବାଗୁଡ଼ା, କୁମୁଲିପୁଟ ଗ୍ରାମ ଛକ ନିକଟରେ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ମୁଖ୍ୟ ସମସ୍ୟା ହେବ। ପ୍ରଶାସନ ଓ ପୋଲିସ ତୁରନ୍ତ ଉଚ୍ଛେଦ କାର୍ଯ୍ୟ ପ୍ରାଥମିକତା ଭିତ୍ତିରେ କରିବା ପାଇଁ ଦାବି ହୋଇଛି। ପ୍ରଥମେ ଜବରଦଖଲ ଉଚ୍ଛେଦ କରାଯାଇ ପରେ ରାସ୍ତା ପ୍ରଶସ୍ତିକରଣ କରାଯିବ ବୋଲି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଅଜୟ ମହାନ୍ତି କହିଛନ୍ତି।

# ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ବିବରଣୀ ଦାଖଲ ପାଇଁ ନିର୍ଦ୍ଦେଶ

**କୋରାପୁଟ,୨୭।୩(ସ୍ୱ.ପ୍ର.)**

ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁସାରେ ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ କୋରାପୁଟ ଲୋକସଭା ସମେତ ଲକ୍ଷ୍ମୀପୁର, କୋରାପୁଟ, ଜୟପୁର, କୋଟପାଡ଼, ପଟ୍ଟାଙ୍ଗି ବିଧାନସଭା ପ୍ରାର୍ଥୀଙ୍କ ପାଇଁ ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ବୁଧବାର ଜାରି କରାଯାଇଛି । ଏଥିରେ ପ୍ରାର୍ଥୀମାନେ ନିର୍ବାଚନର ଖର୍ଚ୍ଚ ବିବରଣୀ ବହି ନିଜେ କିମ୍ବା ନିଜର ନିର୍ବାଚନ ଏଜେଣ୍ଟ ଅଥବା କ୍ଷମତାପ୍ରାପ୍ତ ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ଖର୍ଚ୍ଚ ତଦାରଖ ପର୍ଯ୍ୟବେକ୍ଷକଙ୍କୁ ପ୍ରଚାର ସମୟ ସୀମା ମଧ୍ୟରେ ୩ ଥର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୋରାପୁଟ ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଚଳିତମାସ ୩୧, ଏପ୍ରିଲ ୪ ଓ ୮ ତାରିଖ ଦିନ ୯ଟାରୁ ୩ଟା ମଧ୍ୟରେ କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଲକ୍ଷ୍ମୀପୁର, କୋରାପୁଟ, କୋଟପାଡ଼, ଜୟପୁର, ପଟ୍ଟାଙ୍ଗି ଆଦି ୫ଟି ବିଧାନସଭା ପାଇଁ ଏପ୍ରିଲ ୨, ୬, ୯ ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ମଧ୍ୟରେ କୋରାପୁଟ ସଦଭାବନା ଗୃହରେ ଦାଖଲ କରିବାକୁ କୁହାଯାଇଛି। ତେଣୁ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ସମସ୍ତେ ସେମାନଙ୍କ ନିର୍ବାଚନ ଖର୍ଚ୍ଚ ସଂପର୍କିତ ବିବରଣୀ ବହି ନିଜେ କିମ୍ବା କ୍ଷମତାପ୍ରାପ୍ତ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଖର୍ଚ୍ଚ ତଦାରଖ ପର୍ଯ୍ୟବେକ୍ଷକଙ୍କ ନିକଟରେ ଦାଖଲ କରିବା ପାଇଁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ବୁଧବାର ନିର୍ଦ୍ଦେଶନାମା ଜାରି କରିଛନ୍ତି।

# କଂଗ୍ରେସର କର୍ମୀ ସମ୍ମିଳନୀ


କର୍ମୀ ସମ୍ମିଳନୀରେ ଉପସ୍ଥିତ ନେତା-କର୍ମୀ।

**ଦଶମନ୍ତପୁର,୨୭।୩(ଡି.ଏନ୍.ଏ.)**

ଦଶମନ୍ତପୁରସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜିଲା କାର୍ଯ୍ୟକାରୀ ସଭାପତି ରୂପକ ତୁରୁକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବ୍ଲକ ଉପସଭାପତି ହେମନ୍ତ ଖରା, ଦିଲୀପ ବାଘ, ଲୁଲ୍ଲା ସରପଞ୍ଚ ଧନପତି ମୁଦୁଲି ଯୋଗ ଦେଇଥିଲେ। ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀରେ ଦଶମନ୍ତପୁର ବ୍ଲକ କଂଗ୍ରେସର ଗଡ଼ ଭାବେ ରହିଆସିଛି। ଏହାକୁ ବଜାୟ ରଖିବା ପାଇଁ ନେତା-କର୍ମୀ ଏକତା ଭିତରେ ରହିବାକୁ ହେବ ବୋଲି ଜିଲା କାର୍ଯ୍ୟକାରୀ ସଭାପତି ତୁରୁକ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ୧୬ଟି ପଞ୍ଚାୟତର ଶତାଧିକ ଦଳୀୟ କର୍ମୀ ଯୋଗ ଦେଇଥିଲେ।

# ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ମହିଳା


ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଏସ୍‌ଏଚ୍‌ଜିର ମହିଳାମାନେ।

**ଜୟପୁର,୨୭।୩(ନି.ପ୍ର.)**

## ଉପଜିଲାପାଳଙ୍କୁ ଦାବିପତ୍ର ଦେଲା ଏସ୍‌ଏଚ୍‌ଜି

ଜୟପୁର ବ୍ଲକ ଘାଟବାଗ୍ରା ଅଞ୍ଚଳରେ ବ୍ୟାପକ ପରିମାଣରେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି। ଏହାର ପ୍ରତିବାଦ କରିବା ସହ ମଦ ବିକ୍ରି ବନ୍ଦ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି ସ୍ଥାନୀୟ ମହିଳା। ଏନେଇ ଘାଟବାଗ୍ରା ସ୍ୱୟଂ ସହାୟକା ଗୋଷ୍ଠୀର ମହିଳା ବୁଧବାର ଜୟପୁର ଉପଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗାଁରେ ଯୁବକଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ମଦର ଶିକାର ହେଉଛନ୍ତି। ମଦ ପିଇ ଗାଁର ୪ ଜଣ ଯୁବକଙ୍କ ମୃତ୍ୟୁ ହୋଇଥିବା ସେମାନେ କହିଛନ୍ତି। ଏଥିପାଇଁ ସେମାନଙ୍କ ପରିବାର ଉଜୁଡ଼ିଗଲାଣି। ଗାଁର ପ୍ରାୟ ଲୋକ ଚାଷ, ମଜୁରି କାମ କରି ଜୀବିକା ନିର୍ବାହ କରନ୍ତି। ଗ୍ରାମର ୮୦ ଭାଗ ଲୋକ ଗରିବ ହୋଇଥିବା ବେଳେ ଘରର ପୁରୁଷ ମଦ ପିଇ ଅର୍ଥ ଶ୍ରାଦ୍ଧ କରୁଥିବାରୁ ପାରିବାରିକ ବିଶୃଙ୍ଖଳା ସୃଷ୍ଟି ହେଉଛି। ତେଣୁ ପ୍ରଶାସନ ଏଠାରେ ମଦ ବିକ୍ରି ବନ୍ଦ କରିବା ପାଇଁ ସେମାନେ ଦାବି କରିଛନ୍ତି।

# ଆର୍ଟ ଅଫ ଲିଭିଂର ଯୋଗ ଶିବିର


ଶିବିରରେ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗମାନେ ଯୋଗ ଶିକ୍ଷା ନେଉଛନ୍ତି।

**ସୁନାବେଡ଼ା,୨୭।୩**

ଆର୍ଟ ଅଫ ଲିଭିଂ ମାନବ ସମ୍ବଳ ବିକାଶ କେନ୍ଦ୍ର ସେମିଳିଗୁଡ଼ା ଶାଖା ତରଫରୁ ସୁନାବେଡ଼ା ହାଉସିଂ ବୋର୍ଡ କଲୋନୀସ୍ଥିତ ଜଗନ୍ନାଥ ବୃଦ୍ଧାଶ୍ରମରେ 'ସୁସ୍ଥ ଓ ସମୃଦ୍ଧ ଭାରତ' ଯୋଗ ଶିବିର ଅନୁଷ୍ଠିତ ହୋଇଛି। ତିନିଦିନ ଧରି ଚାଲିଥିବା ଏହି ଶିବିରରେ ଆର୍ଟ ଅଫ ଲିଭିଂ ପ୍ରଶିକ୍ଷିକା ଡ଼. ସରସ୍ୱତୀ ରାୟ ସହଭାଗୀଙ୍କୁ ଯୋଗ, ପ୍ରଣାୟାମ ଏବଂ ରାମଧ୍ୟାନ ଶିକ୍ଷା ଦେଇଥିଲେ। ଯୋଗ ମାଧ୍ୟମରେ ଏକ ସୁସ୍ଥ ଓ ସମୃଦ୍ଧ ଭାରତର ପରିକଳ୍ପନା ସମ୍ଭବ ବୋଲି ସେ କହିଥିଲେ। ଏହି ଶିବିରରେ ବୃଦ୍ଧାବୃଦ୍ଧଙ୍କ ସମେତ ଦିବ୍ୟାଙ୍ଗମାନେ ଯୋଗ ପ୍ରଶିକ୍ଷଣ ନେଇଥିଲେ। ସଙ୍ଗୀତା ଦାଶ, ଜ୍ୟୋତି ବାଘ, ପ୍ରିୟଙ୍କା ପଣ୍ଡା, ବେବିନା ଭୋଇ ଏବଂ ଭଗବାନ ମଲ୍ଲିକ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଦଳରେ ମିଶିଲେ ଶତାଧିକ କର୍ମୀ

**ଚାନ୍ଦିଲି(କୋଟପାଡ଼), ୨୭।୩(ଡି.ଏନ୍.ଏ.)**

କୋଟପାଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସର୍ଗିଗୁଡ଼ା ପଞ୍ଚାୟତରେ କଂଗ୍ରେସର ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଛି । ଏଥିରେ ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝୀ ଓ ବିଧାୟକ ପ୍ରାର୍ଥୀ ଚନ୍ଦ୍ରଶେଖର ମାଝୀଙ୍କ ସମେତ ଦଳର ବରିଷ୍ଠ ନେତା ମଣି ପ୍ରସାଦ ପଟ୍ଟନାୟକ, ଜିତେନ୍ଦ୍ରନାଥ ମହାପାତ୍ର, ଚଞ୍ଚଳ ଗୁଜରାଲ, ପ୍ରକାଶ ଚନ୍ଦ୍ର ମହାନ୍ତି, ମନୋହର ବିଷୋୟୀ, ରାଜେନ୍ଦ୍ର ପ୍ରସାଦ ନାୟକ, ସିଦ୍ଧାର୍ଥ ତ୍ରିପାଠୀ, ମୁନା ଖାନ ଯୋଗ ଦେଇଥିଲେ। ବିଜେଡି ଓ ଭାଜପା ସରକାରଙ୍କ ବିଭିନ୍ନ ଯୋଜନାର ବିଫଳତା ବଖାଣିବା ସହ କଂଗ୍ରେସର ବିଭିନ୍ନ ପ୍ରତିଶ୍ରୁତି ସମ୍ବଳିତ ଗ୍ୟାରେଣ୍ଟି କାର୍ଡ ରଖିଥିଲେ। ଗତ ପାଞ୍ଚବର୍ଷ ମଧ୍ୟରେ ବିଧାୟକ ମାଝୀ କରିଥିବା ଉନ୍ନୟନ କାର୍ଯ୍ୟର ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଡମ୍ବରୁ ଭତରା, ଅବସରପ୍ରାପ୍ତ ବନପାଳ ରାଜାରାମ ବଡ଼ସେଠୀ, ଘୁମର ପଞ୍ଚାୟତରୁ ତ୍ରିନାଥ ବିଷୋୟୀ, ଲକ୍ଷ୍ମୀ ନାରାୟଣ ବିଷୋୟୀ, ସନ୍ତୋଷ ବେହେରା, ହରି ଚାଲାଣଙ୍କ ସମେତ ବିଭିନ୍ନ ଗ୍ରାମରୁ ଶତାଧିକ ଲୋକ କଂଗ୍ରେସରେ ସାମିଲ ହୋଇଥିଲେ । ଜୋନ ସଭାପତି ପ୍ରକାଶ ମହାନ୍ତି, ସମିତି ସଭ୍ୟ ନବୀନ ବିଷୋୟୀ, ଲାଲ ବ୍ରିଜ ମୋହନ ସିଂଦେଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


କଂଗ୍ରେସରେ ସାମିଲ ହେଉଛନ୍ତି କର୍ମୀ।

# ପ୍ରଚାର ମଙ୍ଗ ଧରିଲେ ଚନ୍ଦ୍ର, ପ୍ରଦୀପ

**କୁନ୍ଦୁରା,୨୭।୩(ଡି.ଏନ୍.ଏ.)**


ଭଣ୍ଡାରଘରଣୀଙ୍କଠାରେ ପୂଜାର୍ଚ୍ଚନା ପରେ ପ୍ରଚାରକୁ ଯାଉଛନ୍ତି ପ୍ରଦୀପ ମାଝି।

ପ୍ରାର୍ଥିପତ୍ର ଦାଖଲ ପରେ କଂଗ୍ରେସର ନବରଙ୍ଗପୁର ଲୋକସଭା କ୍ଷେତ୍ର ପ୍ରାର୍ଥୀ ପ୍ରଦୀପ ମାଝି ନବରଙ୍ଗପୁରର ଆରାଧ୍ୟ ଦେବୀ ଭଣ୍ଡାରଘରଣୀଙ୍କଠାରୁ ୨୦୧୯ ପ୍ରଚାର ଶୁଭାରମ୍ଭ କରିଥିବା ବେଳେ କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝି ମଧ୍ୟ କୁନ୍ଦୁରା ଜଗନ୍ନାଥ ମନ୍ଦିରରୁ ଆଜ୍ଞା ନେଇ ପ୍ରଚାର ଆରମ୍ଭ କରିଛନ୍ତି। କୋଟପାଡ଼ରେ କଂଗ୍ରେସର ଗଡ଼ ବଜାୟ ରଖିବା ପାଇଁ ଚନ୍ଦ୍ର ଅଣ୍ଟା ଭିଡ଼ିଥିବା ବେଳେ ନବରଙ୍ଗପୁରରେ ଆସନ ଡୋର କଂଗ୍ରେସ ହାତକୁ ଆଣିବା ପାଇଁ ପ୍ରସ୍ତୁତ ଅଛନ୍ତି ପ୍ରଦୀପ। ଏହି ଅବସରରେ ସେମାନଙ୍କ ସହ ବ୍ଲକ କଂଗ୍ରେସ ସଭାପତି ତ୍ରିପତି ଗୁରୁ, ସମ୍ପାଦକ ଦୈତାରୀ ମଲ୍ଲିକ, ଆକାଶ ପାଣିଗ୍ରାହୀ, ଟୁଲୁ ରଥ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପରଜା, ଜୋନ୍-୧ ସଭାପତି ଅଖିଳ ଭଞ୍ଜ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ।

ଚନ୍ଦ୍ରଶେଖର ମାଝିଙ୍କ ବଡ଼ଭାଇ ସ୍ୱର୍ଗତ ବାସୁଦେବ ମାଝି କୋଟପାଡ଼ ନିର୍ବାଚନ ମଣ୍ଡଳୀରୁ ୮ଥର ବିଧାୟକ ରହିଥିଲେ। ଏହି ନିର୍ବାଚନ ମଣ୍ଡଳୀ ଅଧୀନ କୋଟପାଡ଼, କୁନ୍ଦୁରା, ବୈପାରୀଗୁଡ଼ା ଓ ବୋରିଗୁମ୍ମା ପଞ୍ଚାୟତର ଲୋକେ ଦୀର୍ଘଦିନ ଧରି କଂଗ୍ରେସକୁ ଜିତାଇ ଆସିଛନ୍ତି। ବାସୁଦେବଙ୍କ ପରଲୋକ ପରେ ଚନ୍ଦ୍ରଙ୍କୁ କୋଟପାଡ଼ ଜନତାଙ୍କ ସମର୍ଥନ ମିଳିଥିଲା। ବିଜେଡି ପ୍ରାର୍ଥୀ ଅଶୋକ ପାଙ୍ଗିଙ୍କୁ ୩୦ ହଜାରରୁ ଅଧିକ ଭୋଟ୍‌ରେ ହରାଇ ସେ ବିଧାୟକ ହୋଇଥିଲେ। ଏଥର ମଧ୍ୟ ସେ ଏଠାରୁ ବିଧାୟକ ହେବାକୁ ଆଶା ବାନ୍ଧିଛନ୍ତି। ଅନ୍ୟପକ୍ଷରେ ୨୦୧୪ ନିର୍ବାଚନରେ ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି କୋଟପାଡ଼ ନିର୍ବାଚନ ମଣ୍ଡଳୀରେ ଆଗୁଆ ରହିଥିଲେ ମଧ୍ୟ ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ବିଜେଡିକୁ ଅଧିକ ଭୋଟ୍ ମିଳିବାରୁ ବଳଭଦ୍ର ମାଝି ଏମ୍‌ପି ନିର୍ବାଚିତ ହୋଇଥିଲେ। ହାରିବା ପରେ ପ୍ରଦୀପ ମାଲକାନଗିରି ଅଞ୍ଚଳରେ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟ ଓ ଲୋକଙ୍କ ସ୍ୱାର୍ଥ ସମ୍ବଳିତ କାର୍ଯ୍ୟରେ ସକ୍ରିୟ ଭୂମିକା ନେଇଛନ୍ତି।

